# ପ୍ରେମ ବିବାହ କରିଥିବା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ନନ୍ଦପୁର, ୨୧।୧ (ସମିସ): ପ୍ରେମ ବିବାହର ଦୁଇ ବର୍ଷ ପରେ ମହିଳା ଜଣଙ୍କ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛି। ଏହି ଘଟଣା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଥାନା ଅଧୀନସ୍ଥ ବାଦେଲ ଗ୍ରାମରେ ଘଟିଛି। ମହିଳାଙ୍କ ଶବକୁ ମେଡିକାଲରେ ଛାଡି ଶାଶୂ ଘର ଲୋକେ ଫେରାର ରହିଥିବା ଖବର ମିଳିଛି। ସୂଚନା ଅନୁସାରେ ନନ୍ଦପୁର ସଦର ମହାକୁର ବାହିରିପଡା ଗ୍ରାମର ସୁବାସ ମାଛଙ୍କ କନ୍ୟା ଅନ୍ୱେଷା ମାଛ ଦୁଇ ବର୍ଷ ତଳେ ବାଡେଲ ଗ୍ରାମର ଆଶିଷଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ବୁଧବାର ଦିନ ୧ ଟା ସମୟରେ ଘରେ କେହି ନଥିବା ସମୟରେ ବେକରେ ଦଉଡ଼ି ଦେଇ ମହିଳାଙ୍କ ଜଣ ଆତ୍ମହତ୍ୟା କରଥିବା କୁହାଯାଉଛି। ଖବର ପାଇ ସ୍ୱାମୀ ଆଶିଷ ତୁରନ୍ତ ଘରେ ପହଞ୍ଚି ପତ୍ନୀଙ୍କୁ ଉଦ୍ଧାର କରି ଲମତାପୁଟ ଆଶା କିରଣ ମେଡିକାଲକୁ ନେଇ ଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେପଟେ ଝିଅ ଘର ପରିବାର ଖବର ପାଇ ଆଶା କିରଣ ମେଡିକାଲରେ ପହଞ୍ଚି ଥିବା ବେଳେ ଘଟଣା ସ୍ଥଳରୁ ସ୍ୱାମୀ ଓ ତାଙ୍କ ପରିବାର ଫେରାର ହୋଇ ଯାଇଥିଲେ। ଝିଅର ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଖବର ପାଇ ପାଡୁଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝା ସୁଝ କରୁଥିବା ଜଣାପଡିଛି। ତେବେ କାହିକି ଓ କଣ ପାଇ ଅନ୍ୱେଷାଙ୍କ ମୃତ୍ୟୁ ହୋଇଛି ସଠିକ୍ ଖବର ମିଳି ପାରିନାହିଁ। ସେପଟେ ଘଟଣା ସ୍ଥଳରେ ରହିଥିବା ପାଡୁଆ ଏସ ଆଇ ଦୀପକ କୁମାର ବାରିକ କହିଛନ୍ତି, ପୁଅ ପରିବାର ଲୋକେ ଫେରାର ଅଛନ୍ତି ଏବଂ ଝିଅ ପରିବାର ଲୋକେ ଏତଲା ମଧ ଦେଇ ନାହାନ୍ତି। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ହିଁ ଏ ନେଇ ଜଣାପଡିବ।

### ଠିକାଦାରର ମନମୁଖୀ କାର୍ଯ୍ୟ

# ପାଞ୍ଚ ଦିନରେ ଉଠିଲାଣି ପିଚୁ



> ବିନା ଫଳକରେ ଚାଲିଛି ରାସ୍ତା କାମ
> ନିମ୍ନମାନର କାର୍ଯ୍ୟ ଅଭିଯୋଗ

କୁନ୍ଦୁରା,୨୧।୧(ସମିସ): ରାଣୀଗୁଡ଼ା ପଞ୍ଚାୟତ ଚେରକିଆଗୁଡ଼ା ଠାରୁ ରାଣୀଗୁଡ଼ା ପର୍ଯ୍ୟନ୍ତ ଚାଲିଛି ୪ କି.ମି ରାସ୍ତା କାମ। ଗତ ଶନିବାର ଠାରୁ ପିଚୁ ପଡୁଛି। ଚେରକିଆଗୁଡ଼ା ଛକରୁ ପ୍ରାୟ ୨୦୦ ମିଟରରୁ ଅଧିକ ପିଚୁ ପଡ଼ିଛି ଓ ଗତକାଲି ରବିବାର ଅତି ନିମ୍ନମାନର କାମ ହୋଇଥିବା ଅନୁମାନ କରି ଗାଁ ଲୋକ ରାସ୍ତା ନିକଟକୁ ଯାଇ ଦେଖିଥିଲେ ଓ ପିଚୁ ପଡ଼ିବା ପୂର୍ବରୁ ରାସ୍ତାକୁ ସଫା କରାଯାଇ ପରେ ପିଚୁ ପକା ଯାଇଥାଏ। କିନ୍ତୁ ଏଠାରେ ଏହାର ଏହା ବ୍ୟତିକ୍ରମ ଦେଖାଯାଉଛି। ରାସ୍ତା ସଫା ହୋଇ ନାହିଁ, ବାଲିଧୂଳି ଉପରେ ବହୁ ପତଳା ପ୍ରାୟ ୧ ଇଞ୍ଚ ମୋଟାରେ ପିଚୁ ପଡ଼ିଛି ଓ ଛାଡ଼ି ଯାଉଛି ପିଚୁ। ଏତେ ନିମ୍ନମାନର କାମ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ ଲୋକେ। ଆଖାପାଖ ଗାଁରୁ ଲୋକ ରୁଣ୍ଡହୋଇ କାମ କରାଉଥିବା ସୁପରଭାଇଜରଙ୍କୁ ଏହି ପିଚୁ କାଢି ପୁଣିଥରେ ପକାଇବାକୁ କହିଥିଲେ। ଏହା ପ୍ରଥମ ସ୍ତର ଦ୍ୱିତୀୟ ସ୍ତର ପିଚୁ ପକାଇବା ପରେ ଆଉ ଛାଡ଼ିବ ନାହିଁ ବୋଲି କହିଥିଲେ। ଲୋକେ କହିବା ପରେ କିଛି କିଛି କାଢ଼ି ଅନ୍ୟ ପିଚୁ ପକାଯାଇଛି। ଆଜି ପୁଣି ସେଉଁ ଅବସ୍ଥାକୁ ସେହି ଅବସ୍ଥା। ବାଲିଧୂଳିରେ ପଡିଥିବା ପିଚୁ ଉପରେ ଦ୍ୱିତୀୟ ସ୍ତର ପିଚୁ ପଡୁଛି। କାମ ଆରମ୍ଭ ହୋଇ ସରିବାକୁ ବସିଲାଣି। କୌଣସି ବିଭାଗୀୟ ଅଧିକାରୀ ସେଠାକୁ ଯାଇ ନାହାନ୍ତି। କାମ ତଦାରଖ କରୁ ନାହାନ୍ତି। ଠିକାଦାର ତା ବ୍ୟକ୍ତିଗତ କାମ ଭଳି ମନଇଚ୍ଛା କରି ଚାଲିଛି। ସର୍ବସାଧାରଣଙ୍କ ଜାଣିବା ପାଇଁ କାମ ଆରମ୍ଭ ହେବା ପୂର୍ବରୁ ସୂଚନା ଫଳକ ଲାଗିବା ନିୟମ ଥିଲେ ବି କାମ ସରିବାକୁ ବସିଲାଣି ଫଳକ ଲାଗି ନାହିଁ। ସୂଚନା ଥାଉକି ଏହି ରାସ୍ତା ହେଉଛି ରାଣୀଗୁଡ଼ା ପଞ୍ଚାୟତ ଠାରୁ କୁନ୍ଦୁରା ବ୍ଲକ ସଦରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା। ପ୍ରାୟ ପାଞ୍ଚବର୍ଷ ତଳେ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ନିର୍ମାଣ ହୋଇଥିଲା। ସେ ସମୟରେ ବହୁ ଭଲ ହୋଇଥିଲା କାମ ଓ ମୁଖ୍ୟ ରାସ୍ତା ହୋଇଥିବାରୁ ବର୍ତ୍ତମାନ ଓସାରିଆ କରାଯାଉଛି। ରାସ୍ତା କାମ ଆରମ୍ଭରୁ ସମସ୍ତ କାମ ଅତି ନିମ୍ନମାନର ହୋଇଛି କ୍ଷ ଖୁବ କମ ଦିନ ମଧ୍ୟରେ ନଷ୍ଟ ହୋଇଯିବ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ନିୟମ ଅନୁସାରେ କାମ କରିବାକୁ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଭୀମ ନାୟକ,ଗୋପି ହରିଜନ,କୁମ ନାୟକ, ରଘୁନାଥ ହରିଜନ,ବାଦୁ ହରିଜନ, ରାମଚନ୍ଦ୍ର ନାୟକ,ଆପନ ନାୟକ, ଗୁରୁନାଥ ହରିଜନ, ସାହେବ ନାୟକ, ଅନାମୁ ରନ୍ଧାରୀ, ରାମଚନ୍ଦ୍ର ମାଝୀ, ରଘୁ ଭୂମିଆ,କର୍ଣ୍ଣ ଭୂମିଆ ପ୍ରମୁଖ ଦାବି କରିଛନ୍ତି।

## କର୍ଚ୍ଛାମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୋଷାଗୁମୁଡା,୨୧।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷଗୁମୁଡା ବ୍ଲକ କର୍ଚ୍ଛମାଳ ସ୍ଥିତ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷ୍ୟା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ। ଏଥି ସହିତ ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ମୁଖ୍ୟ ବକ୍ତା ଭାବ ସମାଜସେବୀ କୁଞ୍ଜ ବିହାରି ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ନବରଙ୍ଗପୁର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ଲୋଚନ ସାହୁ, ବ୍ଲକ ଚେୟାରମ୍ୟାନ୍ ସର୍ବେଶ୍ୱରୀ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର, ବିଡିଓ ଆଶିଷ କୁମାର ତ୍ରିପାଠୀ, କର୍ଚ୍ଛମାଳ ସରପଞ୍ଚ ଉମାଦେଭି ନାୟକ, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ କୁମାର ନାୟକ, ବ୍ଲକ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ ମହାନନ୍ଦ, ସମାଜ ସେବୀ ବିରେନ୍ଦ୍ର ପୂଜାରୀ, ରଞ୍ଜିତ ପାତ୍ରୀ, ପର୍ସୁ ନାୟକ ଯୋଗ ଦେଇଥିଲେ। ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଚେତା ବ୍ରହ୍ମା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ଷଡଙ୍ଗୀ ସହଯୋଗ କରିଥିଲେ। ଅଧ୍ୟାପକ ଜ୍ୟୋତି ପ୍ରକାଶ ଜଗଦେବ ମଞ୍ଚ ପରିଚାଳନା କରିଥିଲେ। ଉଚ୍ଚ ମାଧମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକ, ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ରହି ବାର୍ଷିକ ଉତ୍ସବକୁ ସଫଳ କରାଇଥିଲେ। ମଞ୍ଚରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ଶିକ୍ଷ୍ୟା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏକାଗ୍ରତା ସହ କାମ କଲେ ସଫଳତା ମିଳେ ବୋଲି ବୁଝାଇଥିଲେ। ବିଧାୟକ ଗୌରୀ ଶଙ୍କର ମାଝୀ ପିଲାଙ୍କୁ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଜଣାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପିଲାଙ୍କ ଦ୍ୱାରା ନାଚ ଗୀତ ପରିବେଷଣ କରାଯାଇଥିଲା। ଗ୍ରାମର ସମାଜସେବୀ ବିମଳ ବିଶୋଇ, ସନ୍ତୋଷ ବିଷୋୟୀ, ଲକ୍ଷ୍ମୀ ବିଷୋୟୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

# ଆମ ପୁଲିସ ସମିତି ବୈଠକ




ଜୟପୁର, ୨୧।୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନ ପୁଲିସ ପକ୍ଷରୁ ଥାନା ପରିସରରେ ଆଜି ସଂଧ୍ୟାରେ ଆମ ପୋଲିସ ସମିତି ବୈଠକ ଆୟୋଜିତ ହୋଇଥିଲା। ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ପୌରସଂସ୍ଥାର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, କାଉନସିଲର, ସହର ବୁଦ୍ଧିଜୀବି ଏବଂ ସାଧାରଣ ଲୋକମାନେ ଯୋଗଦେଇଥିଲେ। ଏହି ବୈଠକରେ ସହରର ପ୍ରତ୍ୟେକ ସାହି, ବସ୍ତିରେ ସିସି କ୍ୟାମେରା ସଂଲଗ୍ନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହିପରି ପୁଲିସ ଥାନା ପକ୍ଷରୁ ପୌରସଂସ୍ଥାର ସହାୟତା ମିଳିଲେ ସହରର ଅଧିକାଂଶ ସ୍ଥାନରେ ସିସି କ୍ୟାମେରା ବ୍ୟବସ୍ଥା ହୋଇପାରିବ ବୋଲି ପ୍ରକାଶ କରାଯାଇଥିଲା। ଏହିପରି ଉପସ୍ଥିତ ପୌରସଂସ୍ଥାର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଆଗାମୀ ପୌର ପରିଷଦର ବୈଠକରେ ଏଥିନେଇ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବୁଦ୍ଧିଜୀବି ମାନେ ସହରରେ ପୁଲିସ ପକ୍ଷରୁ ରାତ୍ରୀକାଳୀନ ପେଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କରିବାକୁ ଜୋର ଦେଇଥିଲେ। ସହରରେ କିଛି ଅଚିହ୍ନା ଓ ବାହାର ଲୋକ ରହୁଥିବା ଏବଂ କିଛି ସରକାରୀ ଓ ଘରୋଇ କୋଲନୀ ଗୁଡିକରେ ଗଞ୍ଜେଇ ଏବଂ ଅନ୍ୟାନ୍ୟ ଅନୈତିକ କାର୍ଯ୍ୟ ଚାଲିଥିବା ନେଇ କିଛି ବରିଷ୍ଠ ନାଗରିକ ଅଭିଯୋଗ କରିଛନ୍ତି। ସହରରେ ଗତ ୨ ମାସ ମଧ୍ୟରେ କୌଣସି ଲୁଟ ମାମଲା ରୁଜୁ ହୋଇନଥିବା ନେଇ ଥାନା ଅଧିକାରୀ ଶ୍ରୀ ରାଉତ ପ୍ରକାଶ କରିଥିଲେ। ଏହିପରି ଟ୍ରାଫିକ ନିୟନ୍ତ୍ରଣ ନେଇ ମଧ ବ୍ୟବସ୍ଥା କରାଯିବ ଏବଂ ଟ୍ରାଫିକ ଉଲଘ୍ନନକାରୀଙ୍କ ବିରୋଧରେ ମଧ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ପ୍ରକାଶ କରାଯାଇଛି। ବୈଠକର ପୂର୍ବତନ କାଉନସିଲର ଏ.ଶ୍ରୀନିବାସ ରାଓ, କାଉନସିଲର ଗୋପୀନାଥ ମହାନ୍ତି, ବିଷ୍ଣୁବର୍ଦ୍ଧନ ରେ‡, ପ୍ରଣବ କିଶୋର ନାୟକ, ଶଶିରେଖା ପରଜା,ମଧୁସ୍ମିତା ଓରାନ, ରବିନ୍ଦ୍ର ସାହୁ, ଅର୍ପିତା ଷଡଙ୍ଗୀ, ଅନିତା ରାୟ, ପ୍ରତିତି ଗୌଡ ଏବଂ ସହରର ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ। ସେହିପରି ପୁଲିସ ଥାନାର ଏସ.ଆଇ ସିଦ୍ଧାନ୍ତ ବେହେରା, ରାଜେନ୍ଦ୍ର ପାଙ୍ଗୀ, ଗୋବିନ୍ଦ୍ର ଚନ୍ଦ୍ର ହାଂସଦା, ଏ.କ୍ରୀଷ୍ଣା ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହିତ ଆଲୋଚନାରେ ଯୋଗ ଦେଇଥିଲେ।

# ଦିଗାପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁନ୍ଦୁରା,୨୧।୧ (ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଦିଗାପୁର ପଞ୍ଚାୟତ ସଦର ଆବାସିକ ଉଚ୍ଚ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୋରାପୁଟ ଜଜନ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଡିଓ ପି.ମନସ୍ମିତା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ସବିତା ଶତପଥୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ବୈଶାଳୀ ଦୋରା, ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି, ଏଇଇ ରମାକାନ୍ତ ନାୟକ, ବାମୁଣିପୁଟ ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସାହୁ,ଏସ୍‌ଏମ୍‌ସି ସଭାପତି ରବୀନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ମିଶ୍ର, ସମିତି ସଭ୍ୟ ଗୁପ୍ତ ଅତାରି ପ୍ରମୂଖ ମଞ୍ଚାସୀନ ଥିଲେ। ଅନ୍ୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ୪୫୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି, ସେଥିରୁ ୩ ଜଣ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷାବୃତ୍ତି ପୁରସ୍କାର ପାଇଛନ୍ତି,୨୭ ଜଣ ଛାତ୍ରଛାତ୍ରୀ ବ୍ଲକ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନନୀତ ହୋଇଛନ୍ତି। ଚଳିତ ବର୍ଷ ଦଶମ ଶ୍ରେଣୀ ପ୍ରାରମ୍ଭିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉଚ୍ଚ ସଫଳତା ହାସଲ କରିଥିବା ୩ ଜଣ ଛାତ୍ର ଜିଲ୍ଲା ସ୍ତରୀୟ ଜ୍ଞାନଦୀପ କାର୍ଯ୍ୟକ୍ରମର ସ୍ୱତନ୍ତ୍ର ଶିବିର କୋରାପୁଟରେ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଏହି ସଫଳତାକୁ ନେଇ ଅତିଥି ପ୍ରଶଂଶା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଶ୍ରୀନିବାସ ନାଇଡୁ ଏବଂ ବସନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ଯୁବ ଆଇନଜୀବୀଙ୍କୁ ଆକ୍ରମଣ, ମାମଲା ରୁଜୁ

କୋରାପୁଟ,୨୧।୧(ସମିସ): କୋରାପୁଟ କୋର୍ଟ ପରିସରରେ ଜଣେ ଯୁବ ଆଇନଜୀବୀଙ୍କୁ ତାଙ୍କ କ୍ଲାଏଣ୍ଟ ଆକ୍ରମଣ କରିବା ଏବଂ ଆଇନଜୀବୀ ପାଲଟା ଆକ୍ରମଣ କରିବା ଘଟଣାକୁ ନେଇ କୋରାପୁଟ ଟାଉନ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ ରବୀନ୍ଦ୍ର ବରାଡ ଏକ ମାମଲାକୁ ନେଇ ତାଙ୍କର ଓକିଲ ଦୀପଙ୍କର ପାଣିଗ୍ରାହିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ଏତେ ଉଗ୍ରରୂପ ଧାରଣା କରିଥିଲା ଯେ ପରସ୍ପର ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏଭଳି ସ୍ଥିତି ଦେଖି ନିକଟରେ ଥିବା ଆଇନଜୀବୀମାନେ ଉଭୟଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ କଥା ସେତିକିରେ ଶେଷ ହୋଇନଥିଲା। ଉଭୟ ପକ୍ଷ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣା ପଡ଼ିଛି। ଅନ୍ୟ ପକ୍ଷରେ ରବୀନ୍ଦ୍ର ବରାଡ ମଧ ଆଇନଜୀବୀ ବୋଲି ସୂଚନା ମିଳିଛି।

## ଜିଆଇଇଟି ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର କର୍ମଶାଳା




ଗୁଣୁପୁର, ୨୧।୧(ସମିସ): ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଏକ ଦିନିଆ କର୍ମଶାଳା "ସାଇବର ସ୍ମାର୍ଟ୍ ଇନ୍ ଦା ଏ.ଆଇ ଏରା" ସମ୍ପର୍କରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଅତିଥି ଭାବେ ଭାରତ ସରକାରଙ୍କ ଜାତୀୟ ନିରାପତ୍ତା ଉପଦେଷ୍ଟା ସଞ୍ଜୟ କୁମାର ପାତ୍ରୀ ଏବଂ ହାଇଦ୍ରାବାଦ ସ୍ଥିତ ରବିନସନ ପ୍ରାଇଭେଟ ଲିମିଟେଡ଼ର ମୁଖ୍ୟ ଯାନ୍ତ୍ରିକ ଅଧିକାରୀ ଉଜ୍ଜଳ କୁମାର ସିତୁ ଯୋଗ ଦେଇ ବର୍ତ୍ତମାନର ସାଇବର ଠକେଇରୁ କିପରି ନିଜକୁ ନିବୃତ୍ତ ରଖିବାର ବିଭିନ୍ନ ପ୍ରକାର ସଚେତନତା କରାଇ ଥିଲେ। ଛାତ୍ରଛାତ୍ରୀ ମାନେ ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି କର୍ମଶାଳାରେ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ବିଭାଗୀୟ ମୁଖ୍ୟ ଡ ପ୍ରେମାସୁ ଶେଖର ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ଜି ଆର କେ ଡି ସତ୍ୟ ପ୍ରକାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ଏସିଆଇସିର ଆର କେ ଯାଦବ ମଞ୍ଚାସୀନ ଥିଲେ। ଏହି କର୍ମଶାଳାରେ ବିଭାଗର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଖଣି ଖାଦାନ ଉପରେ ବିଜେପିର ଲୋଲୁପ ଦୃଷ୍ଟି : କଂଗ୍ରେସ

ରାୟଗଡା,୨୧।୧(ସମିସ): ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ରାୟଗଡା ବିଧାୟକ ଆପଲାସ୍ୱାମୀ କାଡ୍ରାକାଙ୍କ ସଭାପତିତ୍ୱରେ ଆଜି ସ୍ଥାନୀୟ ହୋଟେଲରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟିର ଆଗାମି ଦିନର କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ସଜାଗ ହେବା ପାଇଁ ଶ୍ରୀ କାଡ୍ରକା ଆହ୍ୱାନ ଦେଇଥିଲେ। ଅବିଭକ୍ତ କେରାପୁଟ ଜିଲ୍ଲାରେ କଂଗ୍ରେସକୁ ସଫଳତା ମିଳିଥିବା କଥା ବିଜେପି ସରକାର ସହଜରେ ହଜମ କରିପାରୁନାହିଁ। ବିଜେପି ସରକାର ରାୟଗଡା ଓ ଏହି ଅଞ୍ଚଳରେ ଥିବା ଖଣିକୁ ଆଖି ଆଗରେ ରଖି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଯୋଜନା ଘୋଷଣା କରୁଛନ୍ତି। ନିକଟରେ ଗୋପାଳପୁର ଠାରୁ ଟ୍ରେନ ଲାଇନ ହେଉ କିମ୍ବା ଜାତୀୟ ରାଜପଥର ବିକାଶ ପାଇଁ ହେଉଥିବା ଘୋଷଣା ପୁଞ୍ଜିପତି ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କରାଯାଉଛି। ଲୋକ ଏନେଇ ସଚେତନ ଅଛନ୍ତି ଏବଂ ପୂର୍ବଦିନ ଭଳି ଆଗାମି ଦିନରେ ବିଜେପି କୁ ପ୍ରଶ୍ରୟ ଦେବା ପାଇଁ କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସହ ପ୍ରଭାରୀ ଜେଟି କୁଶୁମ କୁମାର କହିଥିଲେ କୋରାପୁଟ ଜିଲ୍ଲାରେ ପାଇଥିବା ସଫଳତାକୁ ସମଗ୍ର ରାଜ୍ୟରେ ପ୍ରୟୋଗ କରାଯିବ, କଂଗ୍ରେସ ସବୁବେଳେ ଆଦିବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟକରୁଛି ଏବଂ ଆଗାମି ଦିନରେ ମଧ କରିବ। ଏହି ଅବସରରେ ପିସିସସ ସାଧାରଣ ସଂପାଦକ ଦୁର୍ଗାପ୍ରସାଦ ପଣ୍ଡା, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ, ଝୁନା ପଣ୍ଡା, ଚନ୍ଦ୍ର ମେଣ୍ଡଲୀ କୁମୁଦନ, ହରୀଷ ପଟନାୟକ ଓ କଂଗ୍ରେସର ବିଭିନ୍ନ ସଂଗଠନର ୩୦୦ରୁ ଉର୍ଦ୍ଧ କର୍ମକରତ୍ତା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗ ଦେଇଥିଲେ।

## ଭିବି ଜି-ରାମ ଜି ସମ୍ପର୍କରେ ପ୍ରଚାର

ରାୟଗଡା,୨୧।୧(ସମିସ): ଭିବି ଜି-ରାମ ଜି ନେଇ ଏକ ସାମ୍ବାଦିକ ସମ୍ମିଳନୀ ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦଙ୍କ ନେତୃତ୍ୱରେ ହୋଇଛି। ଏହି ଯୋଜନା ଦ୍ୱାରା ଦୁର୍ନୀତିରେ ରୋକ ଲାଗିବା ସହ ଗ୍ରାମାଞ୍ଚଳରେ ବଞ୍ଚୁଥିବା ଦାଦନ ରୋକିବାରେ ସହାୟକ ହେବ ବୋଲି ରାୟଗଡା ସହରର ସିରିଗୁଡା ସ୍ଥିତ ବିଜେପି କାର୍ଯ୍ୟାଳୟରେ ସେ କହିଛନ୍ତି। ଏହି ଯୋଜନାକୁ ନେଇ ଗ୍ରାମାଞ୍ଚଳରେ ସଚେତନ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ ବୋଲି ରାୟଗଡା ବିଧାନସଭା ଆସନର ବିଜେପି ପ୍ରାର୍ଥୀ ବସନ୍ତ ଉଲାକା ପ୍ରକାଶ କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ବିଜେପିର ସାଧାରଣ ସଂପାଦକ ପୃଥ୍ୱୀରାଜ ଧନପତି, ବସନ୍ତ କୁମାର ଉଲାକା,ପୂର୍ବତନ ସଭାପତି ତଥା ବରିଷ୍ଠ ନେତା ଶିବ ଶଙ୍କର ଉଲାକା,ସଂପାଦକ ଦେବାଶିଷ ପଣ୍ଡା, ମଣ୍ଡଳ ସଭାପତି ଅନୀଲ ଜାଡି,ମଞ୍ଜୁଳା ମିଣିଆକା,ସାନ୍ତୁନୁ ସୁବୁଦ୍ଧି,ସଂପାଦକ ରୋଜିତା କରଡା, ତରୁଣ ଗରଡିଆ,ଉପ ସଭାପତି ରଜତ ମାଦଳା, ନଗର ସଭାପତି ରାଜେଶ ପାଣିଗ୍ରାହୀ ଓ ଦଳର ଅନ୍ୟାନ୍ୟ କର୍ମକର୍ତା ଯୋଗଦେଇଥିଲେ।

## ଦୁଇ ଚୋରକୁ ଦୁଇ ବର୍ଷ ଜେଲ

ରାୟଗଡ଼ା, ୨୧।୧(ସମିସ): ରାୟଗଡ଼ା ଏସଡିଜେଏମ୍ ଜଜ୍ ବର୍ଷା ଦାସ ମଙ୍ଗଳବାର ସରକାରୀ ପ୍ରାଣୀଧନ କେନ୍ଦ୍ରରୁ ଚୋରି ମାମଲାର ଶୁଣାଣି କରି ବିଏନଏସ ଧାରା ୩୩୧(୪), ୩୦୫(କ)ରେ ଦୁଇ ଅଭିଯୁକ୍ତଙ୍କୁ ୨ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଏବଂ ବିଏନଏସ ଧାରା ୩୦୫(କ)ରେ ଏକ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା ରାୟ ପ୍ରକାଶ କରିଛନ୍ତି। ବିଏନଏସ ଧାରା ୩୩୧(୪), ୩୦୫(କ) ରେ ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ ଜେଲ ଏବଂ ବିଏନଏସ ଧାରା ୩୦୫(କ)ରେ ଜରିମାନା ଅନାଦେୟ ହେଲେ ଅତିରିକ୍ତ ଏକ ମାସ ଜେଲ ଦଣ୍ଡ ପାଇଁ ରାୟ ପ୍ରକାଶ କରିଛନ୍ତି ଜର୍ଜ ଦାସ। ଦୁଇ ଅଭିଯୁକ୍ତ ହେଲେ ଗାନ୍ଧୀ ଦଳେଇ ଏବଂ ଡମ୍ବୁରୁ ସାରକା। ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ବ୍ଲକ ଚାନ୍ଦିଲି ଥାନା ଅର୍ନ୍ତଗତ କୁମୁଟିପେଣ୍ଠ ସ୍ଥିତ ପ୍ରାଣୀଧନ କେନ୍ଦ୍ର ଭିତରେ ପଶି ଦୁଇ ଦୁର୍ବୃତ ଚୋରି କରିଥିଲେ। ଏନେଇ ଦାୟିତ୍ୱରେ ଥିବା ପ୍ରାଣୀଧନ ନିରୀକ୍ଷକ ଉତ୍ପଳବର୍ଣ୍ଣ ସାହୁ ଚାନ୍ଦିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ଅଧିକାରୀ ଏସଆଇ ଆଶୁତୋଷ ସାହୁ ମାମଲାର ତଦନ୍ତ କରି ଗାନ୍ଧୀ ଓ ଡମ୍ବୁରୁକୁ ଗିରଫ କରି କୋର୍ଟ ଚାଲା କରିଥିଲେ। ଉପରୋକ୍ତ ମାମଲାଟି ଏପିପି ଅରୁଣ କୁମାର ଲେଙ୍କା ଏବଂ ଶ୍ରୀମତୀ ଜି. ପ୍ରମିଳା ଏସଡିଜେଏମ ରାୟଗଡା କୋର୍ଟ ଦ୍ୱାରା ପରିଚାଳିତ ହୋଇଥିଲା

## ଜରାଶ୍ରମର ଅନ୍ତେବାସୀଙ୍କୁ ଭେଟିଲେ ପ୍ରେସ୍ ୟୁନିୟନ୍



ରାୟଗଡା, ୨୧।୧(ସମିସ): ରାୟଗଡା ପ୍ରେସ ୟୁନିୟନ୍ ପକ୍ଷରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଏକାଦଶ ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଶକ୍ତି ଅନୁଷ୍ଠାନର ବୃଦ୍ଧାଶ୍ରମ ଠାରେ ପହଞ୍ଚି ପ୍ରେସ ୟୁନିୟନକୁ ଆହୁରି ସୁଦୃଢ଼ କରିବା ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି ୟୁନିଅନର ସଭ୍ୟ ବୃନ୍ଦ। ଏଥିସହ ୟୁନିଅନର ସଭ୍ୟ ମାନେ ଆଶ୍ରମରେ ରହିଥିବା ଅନ୍ତେବାସୀଙ୍କ ଦୁଃଖସୁଖ ପଚାରି ବୁଝିଥିଲେଙ ଏହି ଅବସରରେ ସଭାପତି ଅମୂଲ୍ୟ ସାହୁଙ୍କ ନେତୃତ୍ୱରେ ୟୁନିୟନର ଉପଦେଷ୍ଟା ସୁରେଶ ଦାଶ, ସାଧାରଣ ସମ୍ପାଦକ ଶିବାଜୀ ଦାଶ, ମାଉଡ଼ି ବାରିକ, ଶ୍ରୀନିବାସ ବଳିୟାର ସିଂ, ଇପିଲି ସର୍ବେଶ୍ୱର ରାଓ, ମନରଞ୍ଜନ ଶତପଥୀ, ମନୋଜ କୁମାର ମିଶ୍ର, ଧରଣୀଧର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ହୋଇ ୟୁନିୟନର ପ୍ରତିଷ୍ଠା ଦିବସ ଅବସରରେ ଅନ୍ତେ ବାସୀଙ୍କୁ ମିଷ୍ଠାନ ଓ ଫଳ ବଣ୍ଟନ କରିଥିଲେ। ଆଗାମୀ ଦିନରେ ପ୍ରେସ ୟୁନିୟନର ଏକାଦଶ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆ ଯାଇଥିବା ସାଧାରଣ ସମ୍ପାଦକ ଶିବାଜୀ ଦାଶ ସୂଚନା ଦେଇଛନ୍ତି।

## ଜାତୀୟ କନ୍ୟା ସନ୍ତାନ ଦିବସରେ ପଦଯାତ୍ରା

ରାୟଗଡା,୨୧।୧(ସମିସ): ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯାଳୟ ପରିସରରେ ଆଜି ଏକ ପଦ ଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦଯାତ୍ରାକୁ ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଥମେ ମିନତୀ ଦେଓ, ଲିଙ୍ଗଭିତିକ ଭେଦଭାବ ଦୂର କରିବା ପାଇଁ ଏକ ଶପଥ ପାଠ କରେଇଥିଲେ।




କାର୍ଯକ୍ରମରେ ସୁରକ୍ଷା ଅଧିକାରୀ ଶ ପ୍ରତିମା ରାଣୀ ଦାସ, ଜିଲ୍ଲା ସଂଯୋଜକ ସଂକଳ୍ପହବଦିବାକରପରିଚ୍ଛା,ମିନତୀପାତ୍ର,ଶ୍ରୀକାନ୍ତପଣ୍ଡା,ରାୟଗଡ଼ସ୍ୱୟଂଶାସିତମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଛାତ୍ରୀ ମାନେ ଅହିକା କିଶୋରୀ, ଅଙ୍ଗନବାଡି କର୍ମୀ, ଶିକ୍ଷକ, ପୋଲିସ କର୍ମୀ ଯୋଗ ଦେଇଥିଲେ। ପଦଯାତ୍ରାଟି ବେଟୀ ବଚାଓ ବେଟୀ ପଢାଓ ଅନର୍ଗତ ଜାତୀୟ କନ୍ୟା ସନ୍ତାନ ଦିବସ -୨୦୨୬ ସପ୍ତାହ ବ୍ୟାପୀ କାର୍ଯକ୍ରମ ପାଳନ ଅବସରରେ କରାଯାଇଥିଲା।

# ଓଡିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ




ରାୟଗଡ଼ା,୨୧।୧(ସମିସ): ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ୬୩ତମ ରାଜ୍ୟ ବାର୍ଷିକ ଅଧିବେଶନ ରାୟଗଡା ସହରଏ ବିଜୁ ପଟ୍ଟନାୟକ ଅଡିଟରୀୟମ ଠାରେ ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀଙ୍କୁ ଭବ୍ୟ ସ୍ୱାଗତ କରାଯାଇ ସେମାନଙ୍କ ହାତରେ ସଂଘୀୟ ପତାକା ଉତ୍ତୋଳନ କରାଯିବା ପରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଉଦଘାଟନୀ ଉତ୍ସବରେ ପୂର୍ବତନ ରାଜ୍ୟ ସଭା ସାଂସଦ ତଥା ବିଶିଷ୍ଟ ସମାଜସେବୀ ଏନ. ଭାସ୍କର ରାଓଙ୍କ କର କମଳରେ ସଙ୍ଘର ବାର୍ଷିକ ଅଧିବେଶନକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇଏନଟିୟୁସି ସଭାପତି ତଥା ପୂର୍ବତନ ସାଂସଦ ଡା. ରାମଚନ୍ଦ୍ର ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥି ଭାବେ ରାୟଗଡା ଟିପିଏସଓଡିଏଲ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ। ସଂଘର ସାଧାରଣ ସମ୍ପାଦକଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମ ମଞ୍ଚରେ ସଙ୍ଘର କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି, ଉପଦେଷ୍ଟା ରାମକୃଷ୍ଣ ସାହୁ,ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ନରେଶ ତ୍ରିପାଠୀ, ପରମେଶ୍ୱର ବେହେରା,ମୁଖ୍ୟ ସଂଗଠନ ସମ୍ପାଦକ ବିପିନ କୁମାର ସେଠୀ, ଯୁଗ୍ମ ସମ୍ପାଦକ ଦିଲୀପ କୁମାର ସାହୁ, ସୂର୍ଯ୍ୟ ନାରାୟଣ ବିଷୋୟୀ,ଦୁର୍ଗା ମାଧବ ପଣ୍ଡା ମଂଚାସୀନ ଥିବା ବେଳେ କୋଷଧ୍ୟକ୍ଷ ସଂଜୀବ କୁମାର ବେହେରା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦଘାଟନୀ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ସ୍ଥାନୀୟ ବିଧାୟକ କାଡ୍ରକା ଆପଲାସ୍ୱାମୀ, ସମ୍ମାନିତ ଅତିଥି ଭାବେ ରାୟଗଡା ଜିଲ୍ଲା ଆଇଏନଟିୟୁସି ସଭାପତି ଭବାନୀ ଶଙ୍କର ଜେନା, ରାୟଗଡା ଏନଏଫଆଇଟିୟୁ ସଭାପତି ନିରଞ୍ଜନ ପାତ୍ର, ଜିଲ୍ଲା ସିଆଇଟିୟୁ ସଭାପତି ଚନ୍ଦନା ହରିନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ପକ୍ଷରୁ କରାଯାଇଥିବା ପ୍ରମୁଖ ଦାବିଗୁଡିକ ମଧ୍ୟରେ ସ୍ଥାୟୀ କ୍ଷେତ୍ରରେ ସମସ୍ତ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି କରିବା, ନିୟମିତ କର୍ମଚାରୀଙ୍କ ଗତ ୨୦୨୪ ଡିସେମ୍ବର ୨୪ତାରିଖ ଠାରୁ ଟିପିସିଓଡିଏଲ ସହ ଓପିଟିସିଏଲ ଆଧାରରେ ଚୁକ୍ତିନାମା ହୋଇଥିଲେ ମଧ ରିଆରେଞ୍ଜମେଣ୍ଟର ପୂର୍ଣ୍ଣ ପ୍ରକ୍ରିୟା ନ କରିବା ଯୋଗୁଁ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଥିବାରୁ ତୁରନ୍ତ ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ କରିବା,ଷ୍ଟାଣ୍ଡାର୍ଡ ମେଡିକାଲ ଇନ୍ସୁରାନ୍ସ ପଲିସୀ ଲାଗୁ କରିବା ପାଇଁ ଡିସିକମକୁ ପ୍ରସ୍ତାବ ଦେବା ଭଳି ନିଷ୍ପତି ଗ୍ରହଣ କରାଯାଇଛି

# ଅଧାରେ ଅଟକିଛି ୨୬୫ ପ୍ରକଳ୍ପ

ପୋଡ଼ାଗଡ଼, ୨୧।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନରେ ଥିବା ବିଭିନ୍ନ ଗାଁରେ ଅଟକିଛି ରହିଛି ଶତାଧିକ ପ୍ରକଳ୍ପ। ପ୍ରକଳ୍ପ ଗୁଡ଼ିକ ଆରମ୍ଭ ହେବା ପରଠାରୁ ଶେଷ କରିବା ନା ଧରୁନି ପ୍ରଶାସନ। ଗ୍ରାମାଞ୍ଚଳର ବିକାଶ କରିବା ଲାଗି ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରୁଛି ସରକାର। ହେଲେ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଲକ୍ଷ୍ୟ ପୂରଣ ହେଉନି। ଅନଲାଇନ୍ ତଥ୍ୟ ଅନୁସାରେ ଗତ ୨୦୨୧-୨୨ ଠାରୁ ଆରମ୍ଭ କରି ୨୦୨୪-୨୫ ପର୍ଯ୍ୟନ୍ତ ୨୬୫ ଗୋଟି ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିରହିଛି। ପ୍ରଶ୍ନ ଉଠୁଛି କଣ ପାଇଁ ଶେଷ ହୋଇ ପାରୁ ନାହିଁ। ବିଭିନ୍ନ ଗାଁରେ ଥିବା ମାଟି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଗୃହ ପର୍ଯ୍ୟନ୍ତ ଅଟକିଛି ରହିଛି। କେଉଁଠି ଚେକ ଡ୍ୟାମ ଅଟକିଛି ରହିଛି ତ ଆଉ କେଉଁଠାରେ ଟ୍ରେଞ୍ଚ କାମ ଅଟକିଛି। ଅନ୍ୟ ପଟେ ପୁରୁଣା ପ୍ରକଳ୍ପ ଶେଷ ନ କରୁଣୁ ପୁଣି ନୂଆ ପ୍ରକଳ୍ପର କାର୍ଯ୍ୟ ଖସଡ଼ା ପାଇଁ ସ୍ଥାନ ତଥ୍ୟ ସଂଗ୍ରହ କରାଯାଉଛି। କେବଳ ବ୍ଲକ କି ପଞ୍ଚାୟତ କାର୍ଯ୍ୟ ନୁହେଁ, ବିଭିନ୍ନ ବିଭାଗର କାର୍ଯ୍ୟ ସବୁ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏଭଳି ଅଧାପନ୍ତରିଆ ଭାବେ ରହିଥିବା ପ୍ରକଳ୍ପର ଉଦାହରଣ

**● ଶେଷ କରିପାରୁ ନାହିଁ ପ୍ରଶାସନ**

ଅନେକ ରହିଛି। ସେଥିମଧ୍ୟରୁ ଅଟକି ରହିଥିବା ପ୍ରକଳ୍ପ ହେଉଛି, ଲବେନା ଜାନୀର ଫାର୍ମ ପଣ୍ଡ, ଅମ୍ବଲ ହିକକା ଦଣ୍ଡାବାଡ, ଘଲି କଣ୍ଟ୍ରେଲ, ପେଡ଼ି ସିଲ୍, ଖାପ୍ରା ଝଲା, ଟ୍ରେଞ୍ଚ ଗୌଡ କନ୍ତି, ଚେକ୍ ଡ୍ୟାମ ଚଣ୍ଡି ଜାନୀ ଗୁଡା, ଫିଲ୍ଡ ଚ୍ୟାନେଲ ଚଣ୍ଡି ଜାନୀ ଗୁଡା, ଫିଲ୍ଡ ଚ୍ୟାନେଲ ଗୌଡ ମଶାଣି ଦଶମନ୍ତପୁର, ଅଙ୍ଗନବାଡ଼ି ଗୃହ ଦଶମନ୍ତପୁର, ଜମି ମରାମତି ଚକିତ ମୁଦୁଲି, ମାଟି ଫିଲ୍ଡ ଚେନାଲ ମାଛପୁଟ, ଆଇଟିଡିଏର ଝାଡୁ ବୃକ୍ଷ ରୋପଣ, ଉଦ୍ୟାନ ବିଭାଗର କାଜୁ ରୋପଣ ଓ ରକ୍ଷଣାବେକ୍ଷଣ, ଆରଡି ରାସ୍ତା ଠାରୁ ଆର୍କେ କଲୋନି ରାସ୍ତା କାମ, ନିୟୁ ଟାଙ୍କି ଜଳ ଓ ପରିମଳ ମିଶନ, ଫିଲ୍ଡ ଚେନାଲ ନୂଆଁ ସାହି ଦଣ୍ଡା ବାଡ଼, ଖେଳ ପଡିଆ ମୁଦାର, ବୃକ୍ଷ ରୋପଣ ଲଦିବେଡା ଭଳି ଅନେକ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରି, ପୁରୁଣା ପ୍ରକଳ୍ପ ଗୁଡ଼ିକ ଶେଷ କରିବା ସହ ନୂଆ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ଲାଗି ସାଧାରଣରେ ଦାବି ହେଉଛି। ବଡ଼ କଥା ହେଲା, ଯେଉଁ ଉଦେଶ୍ୟ ନେଇ, ଫିଲ୍ଡ ଚ୍ୟାନେଲ, ଫାର୍ମ ପଣ୍ଡ କିମ୍ବା ଚେକ୍ ଡ୍ୟାମ ଗୁଡ଼ିକ ନିର୍ମାଣ କରାଯାଉଛି, ତାହା ଲକ୍ଷ୍ୟହୀନ ହେଉଛି। ଚାଷ ଜମିରେ ପାଣି ମାଡ଼ି ପାରୁନାହିଁ। ଠିକାଦାର ଓ ପ୍ରଶାସନ ମାଲେ ମାଲ ହେଉଛନ୍ତି। ଚାଷୀ ହତାଶ ହେଉଥିବା ଜଣାପଡିଛି। କୋଟି କୋଟି ଟଙ୍କା ବିକାଶ ନାଁରେ ଖର୍ଚ୍ଚ ହେଉଛି। ହେଲେ ଚାଷ ଜମି ପାଣି ନ ପାଇ ଚାଷୀକୁଳ କାନ୍ଦୁଛି।

# କାୟାକଳ୍ପ ଟିମ୍‌ର ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଦାମନଯୋଡି,୨୧।୧(ସମିସ): କାୟାକଳ୍ପ ରାଜ୍ୟ ମୂଲ୍ୟାଙ୍କନ ଟିମ୍ ସୋମବାର ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ବିଭିନ୍ନ ବିଭାଗରେ ଗୁଣାତ୍ମକ ସେବାର ଉପଲବ୍ଧ, ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ପରିଷ୍କାର ପରିଚ୍ଛନ୍ନତା ଆଦି ବୁଲି ଦେଖିଥିଲେ ଓ କାର୍ଯ୍ୟରତ କର୍ମଚାରୀ ଓ ଡାକ୍ତରଙ୍କ ସହ ସମ୍ପୃକ୍ତ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ। ବିଭିନ୍ନ କ୍ଷେତ୍ରରେ କିପରି ଅଧିକ ଉନ୍ନତ ମାନର ପରିଚାଳନା କରିହେବ ସେଥିପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ତିନି ଜଣିଆ ଟିମରେ ଭୁବନେଶ୍ୱରରୁ ଡ. ସୁରଜିତ ଗରାବଡୁ (ଷ୍ଟେଟ ଆର.ଆର.ଟି, ଆଇଡିଏସପି), ବାୟୋ ମେଡିକାଲ ବର୍ଯ୍ୟବସ୍ତୁର ପରିଚାଳନା ପରାମର୍ଶଦାତା ସୌମ୍ୟକାନ୍ତ ପାତ୍ର ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟରୁ ଟୀକାକରଣ ବିଭାଗର ରାଜ୍ୟ ପରାମର୍ଶଦାତା ଡ.ଅନୀଲ କୁମାର ପଟ୍ଟନାୟ ମୂଲ୍ୟାୟନ ପାଇଁ ଆସିଥିବାବେଳେ କୋରାପୁଟ ସଦର ମହକୁମାରୁ ପ୍ରବନ୍ଧକ(ଗୁଣାତ୍ମକ ମୂଲ୍ୟାୟନ) ପୂର୍ଣ୍ଣଚନ୍ଦ୍ର ଭୋଇ ସଂଯୋଜନା କରିଥିଲେ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋଙ୍କ ତତ୍ତ୍ୱାବଧାନରେ ଡା.ଶିବ ପ୍ରସାଦ ସାହୁ, ଡା. ସମ୍ବିତ କୁମାର ବଳ ଓ ଡା. ଅନୁପମା ପତିଙ୍କ ସହିତ ସମସ୍ତ ଡାକ୍ତର, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଗତ ୨ବର୍ଷ ଧରି ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିଲା।

## ବ୍ଲକସ୍ତରୀୟ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ



କୋଷାଗୁମୁଡା,୨୧।୧(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଟିଓଏମ୍‌ଇ ସ୍କୁଲ ଖେଳ ପଡିଆ ଠାରେ ବ୍ଲକ ସ୍ତରୀୟ ବନ୍ଦେ ମାତରମ୍ ସଙ୍ଗୀତର ୧୫୦ ତମ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରି ମାଝୀ, ସମାଜସେବୀ ତଥା ବରିଷ୍ଠ ଆଇନଜୀବୀ କୁଞ୍ଜ ବିହାରୀ ଦାଶ, ରାଜ୍ୟସଭା ପ୍ରତିନିଧି ବଦ୍ରି ନାରାୟଣ ସିଂ, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ବିଧାୟକ ପ୍ରତିନିଧି ବୀରେନ୍ଦ୍ର ପୂଜାରୀ, କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ, ମତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକଡ଼, କୋଷାଗୁମୁଡା ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ ସମେତ ବିଭାଗୀୟ ଅଧିକାରୀ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଚରଣ ସିଂ ମାଝୀ ଦଶମନ୍ତପୁର ଥାନାର ନୂଆ ଅଧିକାରୀ

ପୋଡ଼ାଗଡ଼,୨୧।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନାର ଇନ୍ସପେକ୍ଟର ତଥା ଥାନା ଅଧିକାରୀ ସୁକୁମା ହାଁସଦା ଗତ କିଛି ମାସ ତଳେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଥିବାରୁ ଥାନାରେ କୌଣସି ଅଧିକାରୀ ନଥିଲେ। ସବ ଇନ୍ସପେକ୍ଟର ଶ୍ରୀ କହର କାର୍ଯ୍ୟ ପରିଚାଳନା କରୁଥିଲେ। ଅଧିକାରୀ ପଦ ଖାଲି ପଡିଥିଲା । କିନ୍ତୁ ଏବେ ଦଶମନ୍ତପୁର ଥାନାରେ ଥାନା ଅଧିକାରୀ ଭାବେ ଥିବା ଚରଣ ସିଂ ମାଝୀଙ୍କର ଏଠାକୁ ବଦଳି ହୋଇଛି। ପୂର୍ବରେ ଚରଣ ସିଂ ମାଝୀ ସୁନାବେଡ଼ା ଥାନାରେ ସବ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ସବ ଇନ୍ସପେକ୍ଟର ରୁ କିଛି ମାସ ପୂର୍ବରୁ ଇନ୍ସପେକ୍ଟର ଭାବେ ପଦ ଉନ୍ନତି ପରେ ମଧ୍ୟ ସେ ସୁନାବେଡ଼ା ଥାନାରେ କାର୍ଯ୍ୟରତ ଥିଲେ। କିନ୍ତୁ ତାଙ୍କୁ ଖାଲିପଡ଼ିଥିବା ଦଶମନ୍ତପୁର ଥାନାରେ ଥାନା ଅଧିକାରୀ ଭାବେ ବଦଳି ହୋଇଛି। ଚରଣ ସିଂ ମାଝୀ କହିଛନ୍ତି କି ଆସନ୍ତା ଦିନ ଦୁଇ ଦିନ ଭିତରେ ସେ ଦଶମନ୍ତପୁର ଥାନାରେ ଯୋଗ ଦେବେ।

## ଏନ୍‌ଏସ୍‌ଏସ୍ ଶୀତକାଳୀନ ସ୍ୱତନ୍ତ୍ର ଶିବିର




ସୁନାବେଡ଼ା,୨୧।୧(ସମିସ); ସୁନାବେଡ଼ା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ପୋଷ୍ୟ ଗ୍ରାମ ମାଳିଗୁଡ଼ାର କମ୍ୟୁନିଟି କେନ୍ଦ୍ରରେ ସାତ ଦିନିଆ ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ଶିବିର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଚଳିତ ମାସ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଶିବିରର ପ୍ରଥମ ଦିନରେ ସେମିଳିଗୁଡା କଲେଜ ଅଧ୍ୟକ୍ଷା ଝାନସୀ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପର୍ଯ୍ୟବେକ୍ଷକ ଭାବେ ନୋଡାଲ ଅଧିକାରୀ କୋରାପୁଟ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ୨ୟ ଦିନରେ ବିଦ୍ୟାଳୟର ଶିକ୍ଷକ ଡ. ପବିତ୍ର କୁମାର ବେଦାନ୍ତ , ୪ର୍ଥ ଦିନରେ ଏନ୍‌ଏସ୍‌ଏସ୍ ପିଓ ଦୁର୍ଗା ମାଧବ ଦାସ, ଡ. ସଦାଶିବ ତ୍ରିପାଠୀ, ୫ମ ଦିନରେ ଡ. ଜ୍ଞାନରଞ୍ଜନ ପଟ୍ଟନାୟକ, ୬ଷ୍ଠ ଦିନରେ ଡ. ପ୍ରଦୀପ ବେହେରା ଓ ସୁନାବେଡ଼ା ଏସଡିପିଓ ସୁମିତ୍ରା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷ ଦିନରେ ସୁନାବେଡ଼ା ସିଡିପିଓ ନଳିନୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ନୋଡାଲ ଅଧିକାରୀ କୋରାପୁଟ, ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ମାଳିଗୁଡ଼ାର କାଉନସିଲର ରାମ ବେନୀୟା , ବିଦ୍ୟାଳୟର ପ୍ରଥମ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ବନ୍ଦନା ପାଢ଼ୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସର କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ମହାରଣାଙ୍କ ତତ୍ତ୍ୱାବଧାନରେ ୭ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଚାଲିଥିଲା। ଛାତ୍ରୀ ମାନେ ପ୍ରତ୍ୟେକ ସନ୍ଧ୍ୟା ରେ ନାଟକ ମାଧ୍ୟମରେ ଗ୍ରାମବାସୀ ଙ୍କୁ ବୁଝାଉଥିଲେ। ଯୁକ୍ତ ଦୁଇ ବିଜ୍ଞାନର ପ୍ରଥମ ବର୍ଷ ଛାତ୍ରୀ ଇପ୍ସିତା ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଯୁକ୍ତ ଦୁଇ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରୀ ଦୂତିକା କୁଡେବାଲି ଧନ୍ୟବାଦ ଅର୍ପଣ କରିଥିଲେ। ରଜେଶ୍ୱର୍ ପାଣିଗ୍ରାହୀ, ରଶ୍ମିତା ରାଉତ ସାତ ଦିନ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ନୂତନ ଆଇଆଇସିଙ୍କ ଯୋଗଦାନ



ନନ୍ଦପୁର,୨୧।୧ (ସମିସ): କୋରାପୁଟ ଜିଲ୍ଲାରେ ଥାନା ଅଧିକାରୀ ସ୍ତରରେ ଅଦଳବଦଳ କରାଯାଇଛି। ପୁଲିସ୍ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସ୍ତରରେ କେତେକ ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିବା ସୂଚନା ମିଳିଛି। ଏହି କ୍ରମରେ ନନ୍ଦପୁର ଥାନାର ଅଧିକାରୀ ମମତା ପଣ୍ଡାଙ୍କୁ ନାରାୟଣପାଟଣା ଥାନାକୁ ବଦଳି କରାଯାଇଥିବା ବେଳେ କୋରାପୁଟ ମୁଖ୍ୟାଳୟରେ କାର୍ଯ୍ୟରତ ତ୍ରିନାଥ ତୋଟାପାଡ଼ିଆଙ୍କୁ ନନ୍ଦପୁର ଥାନାର ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ବୁଧବାର ନନ୍ଦପୁର ଥାନାରେ ନୂତନ ଆଇଆଇସି ତ୍ରିନାଥ ତୋଟା ପାଡିଆ ଯୋଗଦାନ କରିଛନ୍ତି । ନୂତନ ଥାନା ଅଧିକାରୀଙ୍କ ଯୋଗଦାନ ପରେ ନନ୍ଦପୁର ପ୍ରେସ କ୍ଲବ୍ ସଦସ୍ୟ ସାକ୍ଷାତ କରି ତାଙ୍କୁ ସ୍ୱାଗତ କରିଥିଲେ। ନୂତନ ଆଇଆଇସି ଶ୍ରୀ ତୋଟାପାଡିଆ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ସ୍ୱାସ୍ଥ୍ୟ ଓ ସଚେତନତା ଶିବିର



ନନ୍ଦପୁର,୨୧।୧ (ସମିସ): ନନ୍ଦପୁର ବ୍ଲକ ଅଧୀନସ୍ଥ ଥିବା ଗ୍ରାମ ପଞ୍ଚାୟତର ସାତ ସେମିଳି ଗ୍ରାମରେ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଏକ ପଶୁ ସ୍ୱାସ୍ଥ୍ୟ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଶୁ କଲ୍ୟାଣ ପକ୍ଷ ୨୦୨୬ ଓ ଜୀବଜନ୍ତୁ କଲ୍ୟାଣ ଦିବସ ଅବସରରେ ଆୟୋଜିତ ଏହି ଶିବିରରେ ୫୦ରୁ ଅଧିକ ଗାଇ ଗୋରୁଙ୍କୁ ମାଗଣା ଚିକିତ୍ସା ସହ ଟୀକାକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ପରୀକ୍ଷିତ କୁଣ୍ଡୁ ଯୋଗଦେଇ ଗୃହପାଳିତ ପଶୁ ମାନଙ୍କ ଠାରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ରୋଗ, ତାହାର କାରଣ, ନିରାକରଣ ଓ ସମୟୋପଯୋଗୀ ଟୀକାକରଣର ଆବଶ୍ୟକତା ସମ୍ପର୍କରେ ପଶୁପାଳକମାନଙ୍କୁ ସଚେତନ କରିଥିଲେ। ଶିବିରରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ନନ୍ଦପୁର ଡା. ଯଶବନ୍ତ କୁମାର କୁମୁଟି ଓ ପାଡୁଆ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସିଦ୍ଧାର୍ଥ ବେହେରା ସହଯୋଗ କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ ପ୍ରାଣୀଧନ ନିରୀକ୍ଷକ ଚିରଞ୍ଜିବି ଲାଲ ଲାଇଟେଲ, ନଳିନୀ କାନ୍ତ ସ୍ୱାଇଁ, ରେଣୁକା ଚୌଧୁରୀ, ରାମଚନ୍ଦ୍ର ଗୋଲରୀ, ପ୍ରଭାକର ବାଘ, ବିଜୟ କୁମାର ଖରା, ଲକ୍ଷ୍ମୀ ସାହୁକାର, ସୋମନାଥ ଆର୍ଲିଆ, ମଧୁସୂଦନ ଖରା, ସନ୍ତୋଷ ପଣ୍ଡା ଓ ରାଜୁ ନାୟକ ଉପସ୍ଥିତ ଥିଲେ।

## କନ୍ୟା ସନ୍ତାନ ସପ୍ତାହ ପାଳନ ନେଇ ସଚେତନତା ପଦଯାତ୍ରା



ନବରଙ୍ଗପୁର,୨୧।୧(ସମିସ): ୧୮ ଜାନୁୟାରୀ ୨୦୨୬ ରୁ ୨୪ ଜାନୁୟାରୀ ୨୦୨୬ ପର୍ଯ୍ୟନ୍ତ ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ଆଜି ନବରଙ୍ଗପୁର ସହରରେ ଏକସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ ସବୁଜ ପତାକା ଦେଖାଇ ଏହି ସଚେତନତା ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁରଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ନର୍ସିଂ ମହାବିଦ୍ୟାଳୟର ଓ ବିଦ୍ୟାର୍ଥୀ ନର୍ସିଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଏକ ପଦଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲି କୁମାର ଖରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ମନୋରମା ମାଝି ,ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ କନ୍ୟା ସନ୍ତାନ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ୟୁନିସେଫ , ମହିଳା ସଶକ୍ତିକରଣ ହବର ସଂଯୋଜିକା ସରିତା ରାଣୀ ପାଣି, ଆର୍ଥିକ ସାକ୍ଷରତା ବିଶେଷଜ୍ଞ ସସ୍ମିତା ପାତ୍ର, ଲିଙ୍ଗ ସମ୍ବେଦନଶୀଳତା ବିଶେଷଜ୍ଞ ପ୍ରୀତି କୁମାରୀ ବା ନବରଙ୍ଗପୁର ଶକ୍ତି ସଦନ କେନ୍ଦ୍ରର କର୍ମ କର୍ତ୍ତା, ଚାଇଲ୍ଡ ଲାଇନ୍‌ର ସଂଯୋଜିକା, ଶିଶୁ ଅଧିକାର ସହଯୋଗୀ ଆଭା ୱାନ୍ ଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ , ଓକିଲ କିଶୋରୀ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସ୍ୱଦେଶୀ ସଂକଳ୍ପ ଯାତ୍ରାକୁ ବୋରିଗୁମ୍ମାରେ ସ୍ୱାଗତ




କୋରାପୁଟ, ୨୧।୧ (ସମିସ): ଭାରତକୁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ରୂପରେ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ସ୍ୱଦେଶୀ ବିଚାର ଧାରାକୁ ଜନମାନସରେ ପହଞ୍ଚାଇବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚ ତତ୍ତ୍ୱାବଧାନରେ ଜାନୁଆରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଠାରୁ ବାହାରିଥିବା ଯାତ୍ରା ଆଜି ବୋରିଗୁମ୍ମାରେ ପହଞ୍ଚିଛି। ସ୍ୱଦେଶୀ ସଂକଳ୍ପ ରଥକୁ ସ୍ୱାଗତ କରିବା ପାଇଁ ବୋରିଗୁମ୍ମାରେ ୧ ହଜାର ଛାତ୍ରଛାତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ବାଣୀଶ୍ରୀ ମହାବିଦ୍ୟାଳୟ, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଭୈରବ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସହ ସହରର ଯୁବକ ଯୁବତୀ ଏଥିରେ ସାମିଲ ହୋଇଥିଲେ। ପ୍ରଥମେ ରଥକୁ ଏକ ଶୋଭାଯାତ୍ରାରେ ସହର ମଧ୍ୟକୁ ଅଣାଯାଇଥିଲା ଏବଂ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ଅପଣାଇବାକୁ ତଥା ଦେଶକୁ ଆତ୍ମନିର୍ଭର କରାଇବା ପାଇଁ କହିଥିଲେ। ଏ ସମ୍ପର୍କରେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ସୂଚନା ଦେଇଥିଲେ। ମଞ୍ଚରେ ରବି ନାରାୟଣ ମିଶ୍ର, ମୁରଲୀଧର ଅଧିକାରୀ, ମୃତ୍ୟୁଞ୍ଜୟ ଶତପଥୀ, ଅଭୟ ପ୍ରସାଦ ଜେନା, ତନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅଧ୍ୟାପକ ଡ଼ ପ୍ରଦୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମଞ୍ଚରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଅଧ୍ୟାପକ ଡ଼ ପ୍ରଦୀପ କୁମାର ସ୍ୱାଇଁଙ୍କୁ ସ୍ୱଦେଶୀ ମଞ୍ଚ ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମଳ କାନ୍ତ ବିଶ୍ୱାଳ, ରାଜ ଶେଖର ସିଂ, ବିଷ୍ଣୁ ଚରଣ ନାୟକ, ସୌମେନ୍ଦ୍ର ସ୍ୱାଇଁ, ସଦାଶିବ ତ୍ରିପାଠୀ, ପ୍ରଦୀପ୍ତ ବାରିକ, ବିଘ୍ନ ଷଡଙ୍ଗୀ, ଗୌରୀ ଶଙ୍କର ପଣ୍ଡା, ସୁଧାଂଶୁ ଶେଖର ପଟନାୟକ, ବିଶ୍ୱଜିତ ପଣ୍ଡା, ହିତେଶ ପଟନାୟକ, କେଶବ ପଟନାୟକ ଓ ରତିକାନ୍ତ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଶିକ୍ଷକଙ୍କ ସନ୍ଦେହଜନକ ମୃତ୍ୟୁ

ଦୁର୍ଗୀ, ୨୧।୧(ସମିସ): ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ତଳ ବାରଙ୍ଗପଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭରତ ଶବର (୫୦)ଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ବିଦ୍ୟାଳୟ ନିକଟସ୍ଥ ଏକ ସ୍ଥାନରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ସ୍ଥାନୀୟ କିଛି ଯୁବକ ମୃତଦେହ ପଡ଼ିଥିବା ଦେଖି ଘଟଣା ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ମୃତ ଶିକ୍ଷକ ଶ୍ରୀ ଶବର ଉକ୍ତ ବିଦ୍ୟାଳୟର ଶ୍ରେଣୀ ଗୃହରେ ରହୁଥିଲେ ବୋଲି ସୂଚନା ମିଳିଛି। ଶ୍ରେଣୀ ଗୃହର ଛାତରୁ ଖସି ପଡିଯାଇ ମୃତ୍ୟୁ ହୋଇଥବା ସନ୍ଦେହ କରାଯାଉଛି। ତେବେ ମୃତ କାରଣ ଅସ୍ପଷ୍ଟ ଥିବା ବେଳେ ଘଟଣା ବିଷୟରେ ବିଷମକଟକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ ନେଇ ଖବର ଦେଇଥିଲେ। ପ୍ରଶାସନ ପକ୍ଷରୁ ମୃତ ଶିକ୍ଷକଙ୍କ ପରିବାରଙ୍କୁ ଅବଗତ କରାଇ ହସ୍ତଗତ କଲାପରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ଘଟଣା ସମ୍ପର୍କରେ ବିଷମକଟକ ଥାନା ପୁଲିସ ପାଖରେ କୌଣସି ଖବର ନ ଥିବା ଜଣାପଡ଼ିଛି।

**● ଘାଟିରାସ୍ତାରେ ଟ୍ରଲର ଦୁର୍ଘଟଣା ଗସ୍ତ**

## ସୁଙ୍କି, ଆମ୍ବାବିଲ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ

ପଟ୍ଟାଙ୍ଗି,୨୧।୧(ସମିସ): କୋରାପୁଟ ଜିଲ୍ଲା ସୁଙ୍କି ଥାନା ଅନ୍ତର୍ଗତ ଲାଉଡି ଘାଟିରେ ମେସିନ ବୋଝେଇ ଟ୍ରଲର ଦୁର୍ଘଟଣା ଗ୍ରସ୍ତ ହୋଇଛି।ଫଳରେ ସୁଙ୍କି ଏବଂ ଆମ୍ବାବିଲି ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଛି। ସୂଚନା ଅନୁଯାୟୀ ଆମ୍ବାବିଲି ଗ୍ରାମ ନିକଟରେ ଭାରତମାଳା ପରିଯୋଜନାରେ ଚାଲିଥିବା ରାସ୍ତା କାର୍ଯ୍ୟରେ ନିୟୋଜିତ ମେସିନକୁ ବୋହି ଆନ୍ଧ୍ରପ୍ରଦେଶର କାଡପାକୁ ଏକ ଟ୍ରଲର ଯାଉଥିଲା। ଉକ୍ତ ଟ୍ରଲରଟି ଲାଉଡି ଗ୍ରାମ ନିକଟରେ ଘାଟି ତଳକୁ ଓହ୍ଲାଉ ଥିଲା। ଏହି ସମୟରେ ଡ୍ରାଇଭର ଜଣକ ଭାରସାମ୍ୟ ହରାଇବାରୁ ରାସ୍ତା କଡ଼ରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଯାହାଫଳରେ ଉଭୟ ସୁଙ୍କି ଏବଂ ଆମ୍ବାବିଲି ରାସ୍ତା ଅବରୋଧ ହୋଇଯାଇଥିଲା। ଫଳରେ ଉଭୟ ଦିଗରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଉକ୍ତ ଘଟଣା ନେଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ସୂଚନା ପାଇ ଘଟଣା ନିକଟରେ ପହଞ୍ଚି ଗାଡ଼ି ହଟାଇବା ନିମନ୍ତେ ପ୍ରୟାସ ଜାରି ରହିଥିବା ନେଇ ଜଣାପଡିଛି।

## ଘାଟି ତଳକୁ ଖସି ଟ୍ରଲରରେ ଲାଗିଲା ନିଆଁ

ପଟ୍ଟାଙ୍ଗି-୨୧/୧(ସମିସ) ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଯୋଡ଼ି ମାଦେଲୀ ଘାଟି ତଳକୁ ଖସିଲା ଟ୍ରଲର। ଟ୍ରଲର ଦେହରେ ଲାଗିଲା ନିଆଁ । ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଜୀବନ ବଞ୍ଚାଇବା ନିମନ୍ତେ ଟ୍ରଲର ଛାଡ଼ି ଡେଇଁଲେ ଡ୍ରାଇଭର। ଚିକିତ୍ସା ନିମନ୍ତେ ନିଆଗଲା ସୁଙ୍କି ସ୍ୱାସ୍ଥ୍ୟ କେନ୍ଦ୍ରକୁ। 



ସୂଚନା ଅନୁଯାୟୀ ଆନ୍ଧ୍ରପ୍ରଦେଶର ଆରୁକୁ ଠାରୁ ରେଳ ବିଭାଗର ଲୁହା ଗୁଡ଼ିକୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ନେବା ନିମନ୍ତେ କୋରାପୁଟ ଜିଲ୍ଲା ୨୬ ନଂ ଜାତୀୟ ରାଜପଥର ପଟ୍ଟାଙ୍ଗି ଦେଇ ଯାଉଥିଲା। ଏହି ସମୟରେ ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ଯୋଡ଼ିମାଦେଲି ଗ୍ରାମ ନିକଟରେ କୌଣସି କାରଣବଶତଃ ଗାଡ଼ି ଘାଟି ତଳକୁ ଖସି ଯାଇଥିଲା। ନିଜ ଜୀବନକୁ ବଞ୍ଚାଇବା ନିମନ୍ତେ ଡ୍ରାଇଭର ଜଣକ ଟ୍ରଲର ଛାଡ଼ି ତଳକୁ ଡେଇ ପଡ଼ିଥିଲା। ଟ୍ରଲରଟି ଘାଟି ତଳକୁ ଖସିଯିବା ସହ ଗାଡ଼ି ଦେହରେ ନିଆଁ ଲାଗି ଯାଇଥିଲା। ଘଟଣାକୁ ନେଇ ପଟ୍ଟାଙ୍ଗି ପୁଲିସ ଏବଂ ଅଗ୍ନିଶମ ବିଭାଗ ନିକଟରେ ସୂଚନା ମିଳିଥିଲା। ଘଟଣା ସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଟ୍ରଲରଟି ସମ୍ପୂର୍ଣ୍ଣ ରୂପେ ଜଳି ଯାଇଥିବା ନଜରକୁ ଆସିଛି। ଟ୍ରଲର ଛାଡ଼ି ଡେଇ ପଡ଼ିଥିବା ଡ୍ରାଇଭର ଜଣଙ୍କ ହାତ ଏବଂ ଗୋଡ଼ରେ ଆଘାତ ଲାଗିଥିବାରୁ ତାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସୁଙ୍କିକୁ ସ୍ଥାନାନ୍ତର କରି ଚିକିତ୍ସା କରାଯାଇଥିବା ନେଇ ଜଣାପଡିଛି।

**୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଦାବି**

# ଉପସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଧାରଣା




ବୈପାରୀଗୁଡ଼ା,୨୧।୧(ସମିସ): ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଉପସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ଦୁଇ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ଦେଖିବାକୁ ମିଳିଛି । ରାମଗିରି ଉପସ୍ୱାସ୍ଥ୍ୟ କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ଜଣେ ଡାକ୍ତରଙ୍କ ଭରସାରେ ଚାଲିଛି। ଷ୍ଟାପ ଅଭାବ ଯୋଗୁଁ ସ୍ୱାସ୍ଥ୍ୟସେବାରେ ବାଧା ସୃଷ୍ଟି ହେଉଛି । ଏଣୁ ଆଜି ଦୁଇ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି ପାଞ୍ଚ ଖଣ୍ଡ ପଞ୍ଚାୟତବାସୀ। ଧାରଣା ସ୍ଥଳରେ ସ୍ଥାନୀୟ ଡାକ୍ତର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନରୁ ଓହରି ଥିଲେ ଅଞ୍ଚଳବାସୀ। ସୂଚନା ଥାଉକି, ଦଣ୍ଡାବାଡ଼ି, ହଳଦୀକୁଣ୍ଡ, ଚେରକା, ପେଦାପୋଡା, ଚିପାକୁର ଆଦି ପଞ୍ଚାୟତର ପାଖାପାଖି ୪୫ ହଜାର ଜନସଂଖ୍ୟାକୁ ନେଇ ରାମଗିରି ପଞ୍ଚାୟତ ସଦର ମହକୁମା ଠାରେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲା ଯାଇଛି । ଦିନରେ ସ୍ୱାସ୍ଥ୍ୟସେବା ମିଳୁଛି, କିନ୍ତୁ ଜରୁରୀ କାଳୀନ ପରିସ୍ଥିତିରେ ବିଶେଷ କରି ରାତ୍ରିକାଳୀନ ସ୍ୱାସ୍ଥ୍ୟ ସେବା ମିଳୁନି। ଏଥିଲାଗି ରାମଗିରି ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ସହ ୨୪ ଘଣ୍ଟା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନେଇ ଆଜି ଧାରଣା ଦିଆଯାଇଛି। ଅତି ଶୀଘ୍ର ଦାବି ପୂରଣ ନ ହେଲେ ଅଗାମି ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ପାଞ୍ଚ ଖଣ୍ଡ ପଞ୍ଚାୟତ ବାସିନ୍ଦା।

# ଡମ୍ପିଂୟାର୍ଡ ସମସ୍ୟା ସମାଧାନ ପାଇଁ ଆଲୋଚନା

## ଆକାଶଗୁଡା ବାସିନ୍ଦାଙ୍କୁ ୭ ଦିନ ସମୟ ଦେଲେ କର୍ତ୍ତୃପକ୍ଷ





କୋରାପୁଟ,୨୧।୧(ସମିସ): କୋରାପୁଟ ସହରରେ ଡମ୍ପିଂୟାର୍ଡ ଏବେ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଯାହାର ସମାଧାନ ପାଇଁ ପୌର ପରିଷଦ କର୍ତ୍ତୃପକ୍ଷ ଏବଂ ଆକାଶଗୁଡା ଓ ଚିନ୍ଦ୍ରିମାଲିଗୁଡା ସହରବାସୀଙ୍କ ସହ ଆଲୋଚନା ହୋଇଛି। କୋରାପୁଟ ପୌର ପରିଷଦରେ ଡମ୍ପିଂୟାର୍ଡ ପାଇଁ ସ୍ଥାନର ଅଭାବ ରହିଥିବାରୁ ଆକାଶଗୁଡାରେ ରହିଥିବା ନିଜସ୍ୱ ଡମ୍ପିଂୟାର୍ଡ ପୁଣି ପ୍ରଚଳିତ କରିବା ପାଇଁ ଉପସ୍ଥିତ ବ୍ୟକ୍ତି ମାନଙ୍କୁ ୭ ଦିନ ସମୟ ଦିଆଯାଇଛି ବୋଲି ଡୁଡା ପିଡି ତପନ କୁମାର ନାୟକ କହିଛନ୍ତି। ଏହି ୭ ଦିନ ମଧ୍ୟରେ ନିକଟବର୍ତ୍ତୀ ଗ୍ରାମବାସୀଙ୍କ ସହ ଆକାଶଗୁଡା ଗ୍ରାମର ଲୋକମାନେ ଆଲୋଚନା କରି ଏହାର ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ରିପୋର୍ଟ ପ୍ରଦାନ ପରେ ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀ ଗ୍ରାମକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରିବେ। କାଉନସିଲର ସୁଭଦ୍ରା ମୁଦୁଲି କନ୍ଧଗୁଡ଼ାରେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ଚିନ୍ଦ୍ରିମାଲିଗୁଡା ଲୋକମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ବର୍ଣ୍ଣନା କରିଥିଲେ। ସେହି ଗ୍ରାମର ଲୋକମାନେ କନ୍ଧଗୁଡାରେ ଆଉ ଅଳିଆ ଆବର୍ଜନା ନ ପକାଇବାକୁ ନିବେଦନ କରିଛନ୍ତି। ଏହି ବୈଠକରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରୀପାଠୀ, ପୌର ଯନ୍ତ୍ରୀ ମନୋଜ ପାତ୍ରଙ୍କ ସହ କାଉନସିଲର ମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ କୋରାପୁଟ ସହରର ଅଳିଆ ଆବର୍ଜନା ପକାଇବା ପାଇଁ ଆକାଶଗୁଡାରେ ନିଜସ୍ୱ ଡମ୍ପିଂୟାର୍ଡ ରହିଛି। ଗତ ୨୦୨୧ ମସିହା ନଭେମ୍ବର ମାସ ୩ ତାରିଖ ଦିନ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଆହତ ହୋଇଥିଲେ। ସେହିବର୍ଷ ନଭେମ୍ବର ମାସ ୪ ତାରିଖ ଦିନ ଲୋକମାନେ ଅଳିଆ ଆବର୍ଜନା ଭର୍ତ୍ତି ୨ଟି ଟ୍ରାକ୍ଟରକୁ ଅଟକ ରଖି ଅଳିଆ ଆବର୍ଜନା ପକାଇବାକୁ ଦେଇ ନ ଥିଲେ। ୨୦୨୨ ମସିହା ମେ ମାସ ୧୬ ତାରିଖ ଦିନ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। କିନ୍ତୁ ଏହି ଆଲୋଚନା ବିଫଳ ହୋଇଥିଲା। ଲୋକଙ୍କ ବିରୋଧ ଯୋଗୁଁ ଲାଣ୍ଡିଗୁଡା ସରକାରୀ କଲେଜ ନିକଟରେ ଥିବା ଏକ ଖାଲି ସ୍ଥାନରେ ୨୦୨୨ ମସିହା ଅକ୍ଟୋବର ମାସରେ ଅଳିଆ ଆବର୍ଜନା ପକାଗଲା। ପରିବେଶ ଦୂଷିତ ଓ ଦୁର୍ଗନ୍ଧମୟ ହୋଇଯାଇଥିବାରୁ ସହରବାସୀ ଏହାକୁ ବିରୋଧ କଲେ। କିଛି ଉପାୟ ନ ପାଇ କର୍ତ୍ତୃପକ୍ଷ ରଥଶର୍ମା କଲୋନୀ ନିକଟରେ ଥିବା ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରରେ ଅଳିଆ ଆବର୍ଜନା ପକାଇଲେ। ସେଠାରେ ଅଳିଆ ଆବର୍ଜନା ପାହାଡ ସଦୃଶ ହୋଇ ଠିଆ ହେବା ଏବଂ ପରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଲୋକମାନେ ଏହାକୁ ବିରୋଧ ତୁରନ୍ତ ଅଳିଆ ଆବର୍ଜନା ନ ପକାଇବାକୁ ଦାବି କରିଥିଲେ। ଏହାପରେ କର୍ତ୍ତୃପକ୍ଷ କିଛି ଉପାୟ ନ ପାଇ ସୁନାପୁରରେ ଥିବା ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ରରେ ଅଳିଆ ଆବର୍ଜନା ପକାଇଲେ। ସେଠାରେ ମଧ୍ୟ ବିରୋଧ ହେବାରୁ ପୁରୁଣା ମଶାଣିରେ ଅଳିଆ ଆବର୍ଜନା ପକାଇବା ଦ୍ୱାରା ପରିବେଶ ଦୂଷିତ ଓ ଦୁର୍ଗନ୍ଧମୟ ହେବାରୁ ଏହାକୁ ବନ୍ଦ କରିବାକୁ କଂଗ୍ରେସ ନେତା ମାନେ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଥିଲେ। ରେଳବାଇ ଓଭରବ୍ରିଜ ନିକଟରେ ଥିବା ଖାଲିସ୍ଥାନରେ ଅଳିଆ ଆବର୍ଜନା ପକାଇଲେ। ଏହା ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ହେବାରୁ କାଉନସିଲର ଚନ୍ଦ୍ରପ୍ରଭା ହିଆଲ ୨୦୨୫ ମସିହା ଜୁଲାଇ ମାସ ୧୩ ତାରିଖ ଦିନ ଟ୍ରାକ୍ଟରର ଚାବି ଛଡାଇ ନେଇ ଅଳିଆ ଆବର୍ଜନା ପକାଇବାକୁ ଦେଇ ନ ଥିଲେ। ପୁଣି ସୁନାପୁର ମାଇକ୍ରୋ କଂପୋଷ୍ଟ କେନ୍ଦ୍ର ନିକଟରେ ଥିବା ଖାଲି ସ୍ଥାନରେ ଅଳିଆ ଆବର୍ଜନା ପକାଇଲେ। ଅନେକ ମାସ ପରେ ଏହି ଅଳିଆ ଆବର୍ଜନା ଯୋଗୁଁ ଲୋକମାନେ ଅସୁବିଧାରେ ରହୁଥିବା ଦର୍ଶାଇ ଲୋକମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀ ଘଟଣାସ୍ଥଳକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରି ୧୫ ଦିନ ସମୟ ମାଗିଥିଲେ। ଏହାପରେ ପୌର ପରିଷଦ କର୍ତ୍ତୃପକ୍ଷ ସ୍ଥାନୀୟ ତହସିଲଦାରଙ୍କ ସହ ଆଲୋଚନା କରି କନ୍ଧଗୁଡାରେ ସରକାରୀ ଜମି ଚିହ୍ନଟ କରିଥିଲେ। ଏହି ସରକାରୀ ଜମିକୁ ସମତଳ କରାଯାଇ ସହରର ଅଳିଆ ଆବର୍ଜନା ପକାଗଲା। ଏହାର କିଛି ଦିନ ପରେ ଚିନ୍ଦ୍ରୀମାଲିଗୁଡ଼ା ଗ୍ରାମର ଲୋକମାନେ ଗୁରୁତର ଅଭିଯୋଗ ଆଣିଲେ। ଯେବେଠାରୁ ଅଳିଆ ଆବର୍ଜନାପକାଇଲେ ସେବେଠାରୁ ଗ୍ରାମକୁ ଅସଂଖ୍ୟ ସଂଖ୍ୟାରେ ମଶା ଓ ମାଛି ଉଡ଼ି ଆସି ବାସିନ୍ଦାଙ୍କୁ ହଇରାଣ କରୁଥିବା ଅଭିଯୋଗ ଆଣିଲେ। ଏପରିକି ଅଳିଆ ଆବର୍ଜନା ପକାଯାଉଥିବା ସ୍ଥାନରେ ଏକ ଛୋଟ ଝରଣା ଉକ୍ତ ଗ୍ରାମବାସୀ ବ୍ୟବହାର କରୁଥିବା ନଦୀର ପାଣିରେ ମିଶି ଯାଉଥିବା ଆହୁରି ଅଭିଯୋଗ କରିଥିଲେ। ତେଣୁ କନ୍ଧଗୁଡାରେ ଅଳିଆ ଆବର୍ଜନା ନ ପକାଇବାକୁ ଜିଲ୍ଲାପାଳ ,ପୌର ଅଧ୍ୟକ୍ଷ ଏବଂ ପୌର ଅଧିକାରୀଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ।

# ଜିଲ୍ଲାସ୍ତରୀୟ ପିଏମ୍ଶ୍ରୀ ଉତ୍ସବ ଉଦ୍‌ଯାପିତ



ନବରଙ୍ଗପୁର,୨୧।୧(ସମିସ): ନବରଙ୍ଗପୁର ଆୟୋଜିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟପ୍ରଥମପିଏମ୍ଶ୍ରୀଉତ୍ସବ୨୦୨୬ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ଉଦ୍‌ଯାପନୀ ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ତଥା ଜିଲ୍ଲା ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମେତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ସୁପ୍ରିୟା ନାୟକ, ଶ୍ରୀକାନ୍ତ ଜାନି, ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାଶ, ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିତା ନେତମ, କୋଷଗୁମୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକ ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତରଞ୍ଜନ ପଟ୍ଟନାୟକ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଦେଶ ବିକାଶରେ ସମସ୍ତ ଛାତ୍ରଛାତ୍ରୀ ଚେଷ୍ଟିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ବିଧାୟକ ନବରଙ୍ଗପୁର ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ଦେଶର ଭବିଷ୍ୟତ ଏବଂ ସେମାନେ ଶିକ୍ଷା ସହିତ ନିଜ ଜୀବନରେ ଶିଷ୍ଟାଚାର,ଦେଶ ପ୍ରେମ ଓ ସମାଜ ପ୍ରତି ଦାୟିତ୍ୱ ବୋଧକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। କୃତି ଛାତ୍ରଛାତ୍ରୀ ଏବଂ ଅନୁଷ୍ଠାନ ଗୁଡିକୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପିଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟ ବକୋଦାର ପ୍ରଧାନ ଶିକ୍ଷକ ନରେଶ ନାୟକ ମଞ୍ଚ ପରିଚାଳନା କରିଥିଲେ।

# ଭିବି ଜି ରାମ ଜି ଜିଲାସ୍ତରୀୟ କର୍ମଶାଳା

ଉମରକୋଟ,୨୧।୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା କାର୍ଯ୍ୟାଳୟ ଠାରେ "ଭିବି ଜି ରାମ୍ ଜି ଜିଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଗରିବ ବ୍ୟକ୍ତିଙ୍କୁ ସମ୍ମାନର ସହିତ ନିଯୁକ୍ତି ଦେବା, ପ୍ରତ୍ୟେକ ନୂତନ ଯୋଜନାର ନିଯୁକ୍ତି ୧୦୦ ଦିନରୁ ୧୨୫ ଦିନକୁ ବୃଦ୍ଧିକରିବା, ଠିକ୍ ସମୟରେ ପ୍ରତ୍ୟେକ ୭ ଦିନରେ ମଜୁରି ପ୍ରଦାନ କରିବା। ଚାଷୀଙ୍କ ବେଉଷଣ ଏବଂ ଅମଳ ସମୟରେ ୬୦ ଦିନ କାର୍ଯ୍ୟ ବନ୍ଦ, ଏହି ଯୋଜନା ଅଧିନରେ ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା କରାଯିବ ତଥା ତୃଣମୂଳ ସ୍ତରରୁ ଗ୍ରାମୀଣ ବିକାଶ କୁ ତ୍ୱରାନ୍ୱିତ କରାଯିବ। ନୂତନ ଯୋଜନାରେ କେନ୍ଦ୍ରର ୬୦ ପ୍ରତିଶତ ଏବଂ ରାଜ୍ୟର ୪୦ ପ୍ରତିଶତ ଅନୁଦାନ ରହିବ। ଏହି ସମସ୍ତ ବିଷୟରେ ଭାଜପାର ଗ୍ରାମାଞ୍ଚଳରେ ନେତୃତ୍ୱ ନେଉଥିବା କାର୍ଯ୍ୟକର୍ତ୍ତାଙ୍କୁ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ ଆଚାର୍ଯ୍ୟ, ଜ୍ୟୋତି ରଞ୍ଜନ କଂଶ, ଭିବି ଜି ରାମ୍ ଜି ଟୋଲି ଡାବୁଗାଁ କୋଡିନେଟର ଲିଙ୍ଗରାଜ ଭତ୍ରା, ଉମରକୋଟ କୋଡିନେଟର ଭୋଜନାଥ ଗଣ୍ଡ, ଝରିଗାଁ କୋର୍ଡିନେଟର ଚନ୍ଦ୍ରଭାନୁ ନାୟକ, ଉମରକୋଟ ନଗର ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକଙ୍କ ସହ ଭାଜପାର ବହୁତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାୟାକଳ୍ପ ଟିମ୍



ବନ୍ଧୁଗାଁ,୨୧।୧(ସମିସ): ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାୟା କଳ୍ପ ରାଜ୍ୟସ୍ତରୀୟ ଟିମ୍ ପରିଦର୍ଶନ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କାୟା କଳ୍ପ ରାଜ୍ୟସ୍ତରୀୟ ଟିମଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତିନି ଜଣ ସଦସ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରବେଶ ପଥ, ଔଷଧ ଗୋଦାମ ଘର, ବର୍ଜ୍ୟବସ୍ତୁ ପରିଚାଳନା ଗୃହ ଓ ଜୈବିକ ଆବର୍ଜନା, ଓପିଡି ଭିତରେ ଥିବା ଚେକ୍‌ଲିଷ୍ଟ, ଅଣ ସଂକ୍ରମଣ ରୋଗ ପରାମର୍ଶ କକ୍ଷ, ନମୁନା ସଂଗ୍ରହ କେନ୍ଦ୍ର, ଡ୍ରେସିଂ କକ୍ଷ, ଟୀକା ସଂରକ୍ଷଣ କକ୍ଷ, ପାଣି ଟ୍ୟାଙ୍କ, ସମ୍ବନ୍ୱିତ ପରୀକ୍ଷାଗାର, ଅନ୍ତଃ ରୋଗୀ ବିଭାଗ ଓ ପ୍ରସବ କକ୍ଷ ପ୍ରମୁଖ ସ୍ଥାନ ବୁଲିବା ସହ ସ୍ୱଚ୍ଛତା ଅନୁଧ୍ୟାନ କରିଥିଲେ। ସମସ୍ତ ବିଭାଗର କାର୍ଯ୍ୟରତ କର୍ମଚାରୀ ଓ ଡାକ୍ତରଙ୍କ ସହ ସମ୍ପୃକ୍ତ କାର୍ଯ୍ୟ ବିଷୟରେ ପଚାରି ବୁଝିଥିଲେ। ପୁଣି ରୋଗୀ ମାନଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କିପରି ଅଧିକ ଉନ୍ନତ ମାନର ପରିଚାଳନା କରି ହେବ ସେଥିପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଅତି ସୁନ୍ଦର ଭାବରେ ନୂତନ ମେଡିକାଲ ଗୃହ ନିର୍ମିତ ହୋଇ ଥିବା ରୁ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ପରିଚାଳନା ବହୁତ ଭଲ ରହି ଥିବା କାୟା କଳ୍ପ ଟିମ ଜଣାଇଛନ୍ତି। ଏହି ଟିମରେ ରାଜ୍ୟ ଆରଆରଟି ଆଇଡିଏମପି ସେଲ ମୁଖ୍ୟ ଡା. ସୁରଜିତ ଗରାବଡୁ, ବର୍ଜ୍ୟବସ୍ତୁ ପରିଚାଳନା ପରାମର୍ଶଦାତା ସୌମ୍ୟକାନ୍ତ ପାତ୍ର, ୟୁନିସେଫ୍ ପରାମର୍ଶ ଦାତା ଡା. ଅନିଲ ପଟ୍ଟନାୟକ ପ୍ରମୁଖ ରହିଥିବା ବେଳେ କୋରାପୁଟ ଜିଲ୍ଲା ସଦରରୁ ପ୍ରବନ୍ଧକ (ଗୁଣାଧକ ମୂଲ୍ୟାୟନ) ପୂର୍ଣ୍ଣ ଚନ୍ଦ୍ର ଭୋଇ ସଂଯୋଜନା କରିଥିଲେ। କାୟା କଳ୍ପ ଟିମର ପରିଦର୍ଶନ ସମୟରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ା ରଶ୍ମି ରଞ୍ଜନ ସାମଲ, ବିପିଏମ ଅସିତ୍ ମହାପାତ୍ର, ଭି ପି ଡି ଟି ଏସ ପ୍ରକାଶ ଚନ୍ଦ୍ର ଜେନା ଓ ମେଲ୍ୟାରିଆ ଆସିଷ୍ଟାଣ୍ଟ ଅମୂଲ୍ୟ ବିଶୋଇ ପ୍ରମୁଖ ଉପସ୍ଥିତ ରହି ଥିଲେ।

# ସରକାରୀ ଏକ୍ସ-ବୋର୍ଡ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



କୋଷାଗୁମୁଡା,୨୧।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଏକ୍ସ-ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଡାବୁଗାଁ ବିଧାୟକ ମନହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ କୁଞ୍ଜ ବିହାରୀ ଦାସ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର, ବୀରେନ୍ଦ୍ର ପୂଜାରୀ, ବଦ୍ରି ନାରାୟଣ ସିଂ, ମୋତିଗାଁ ସମିତି ସଭ୍ୟ ତ୍ରିଲୋଚନ ଧାକଡ଼, କୋଷାଗୁମୁଡା ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, କୋଷାଗୁମୁଡା ସରପଞ୍ଚ ଡାଳିମ୍ବ ମାଝୀ , ସମାଜସେବୀ ହରିବନ୍ଧୁ ମାଝୀ ପ୍ରମୁଖ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। ଅତିଥି ମାନଙ୍କ ଦ୍ୱାରା ପୁରାତନ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ନୃତ୍ୟ ଗୀତ ପରିବେଷଣ କରିଥଇଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ବଜ୍ରଗଡ଼ କ୍ଲଷ୍ଟର ସିଆରସିସି ବିଧାନ ରାଉତ ବହୁ ପୂର୍ବତନ ଛାତ୍ର ଛାତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ



ନାରାୟଣପାଟଣା,୨୧।୧(ସମିସ): ସ୍ଥାନୀୟ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୋଷ୍ୟଗ୍ରାମ ଓଡ଼ିଆପେଣ୍ଠ ଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱତନ୍ତ୍ର ଶିବିର ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ଦୀର୍ଘ ଏକ ସପ୍ତାହ ଧରି ଚାଲୁରହିବ। କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବାବେଳେ ଓଡ଼ିଆପେଣ୍ଠ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବାପ୍ରୁ ରମେଶ କୁମାର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଧିର କୁମାର ଜେନା ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ଶିକ୍ଷାନୀତି ଅଧ୍ୟାପିକା ଡକ୍ଟର ତ୍ରିବେଣୀ ପ୍ରଧାନ କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଚାକିରି, ରାଜନୀତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ହେବା ଉଚିତ: ଅରବିନ୍ଦ ଢାଲି

ମାଲକାନଗିରି,୨୧।୧(ସମିସ): ଅର୍ଥନୈତିକ କ୍ଷେତ୍ରରେ ପଛୁଆ ଲୋକଙ୍କୁ ହିଁ ସଂରକ୍ଷଣ ମିଳିବା ଉଚିତ। ଅଧ୍ୟୟନ କ୍ଷେତ୍ରରେ ସରକାରୀ ଚାକିରି ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ ହେବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି ମାଲକାନଗିରିର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଅରବିନ୍ଦ ଢାଲି। ସଂରକ୍ଷଣ ବ୍ୟବସ୍ଥା ଆଧାରରେ ଅନୁସୂଚିତ ଜାତି ଜନଜାତି ବର୍ଗର ଲୋକେ ବହୁ ପଦସ୍ଥ ଅଧିକାରୀ ହୋଇ ପାରିଛନ୍ତି। ଏପରିକି ଭାରତୀୟ ପ୍ରଶାସନିକ ଓ ଓଡ଼ିଶା ପ୍ରଶାସନିକ ସେବାରେ ଅବସ୍ଥାପିତ ହୋଇ ପାରିଛନ୍ତି। ଯାହାଫଳରେ ସାଧାରଣ ବର୍ଗର ଲୋକେ ଯୋଗ୍ୟତା ଥାଇ ବି ଏଥିରୁ ବଞ୍ଚିତ ହେଉଛନ୍ତି। ଅନ୍ୟ ପକ୍ଷରେ ସଂରକ୍ଷଣ ବ୍ୟବସ୍ଥାରେ ଗୋଟିଏ ପୀଢି ପଛୁଆ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ହେବା ପରେ ତା ପରବର୍ତ୍ତୀ ପୀଢିକୁ ଆଉ ସଂରକ୍ଷଣ ବ୍ୟବସ୍ଥା ମିଳିବା ଉଚିତ ନୁହେଁ ବୋଲି କହିଛନ୍ତି ଶ୍ରୀ ଢାଲି। ଏନେଇ କେନ୍ଦ୍ର ଓ ରାଜ୍ୟ ସରକାର ଏକ ସର୍ଭେ କରି ଆର୍ଥିକ କ୍ଷେତ୍ରରେ ପଛୁଆ ଥିବା



ପ୍ରକୃତ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ବିଶେଷ ସହାୟତା କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି। ସଂରକ୍ଷଣ ବ୍ୟବସ୍ଥା ରହିବା ଦ୍ୱାରା ଭେଦଭାବ ବଢିବାରେ ଲାଗିଛି। ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ହେଲେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ବଢିବା ସହ ଶିକ୍ଷା କ୍ଷେତ୍ର ପାଇଁ ଏହା ବେଶ ଅନୁକୂଳ ବାତାବରଣ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଛନ୍ତି ପୂର୍ବତନ ମନ୍ତ୍ରୀ ଶ୍ରୀ ଢାଲି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଲକ୍ଷ୍ମୀପୁର, ୨୧।୧(ସମିସ): ବୁଧବାର ଦିନ ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଝୀନ ହିକକା ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଶ୍ରୀରାମ ମନ୍ଦିରରୁ ଛାତ୍ରଛାତ୍ରୀ ମଶାଲ ଶୋଭାଯାତ୍ରାରେ ଆସିବା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ମଶାଲ ସ୍ଥାପନ କରାଯାଇ ଥିଲା। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଟାକ୍ରୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ମାଧବ କର୍କରା, ପୁରାତନ ଛାତ୍ର ଭି ନାଗାରାଜୁ, ନୂତନ ଭାବେ ନିଯୁକ୍ତ ବିଜେଡ଼ି ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗା ଯୋଗ ଦେଇଥିଲେ। ମହାଦେବ ଶତପଥି, କୃଷ୍ଣ କୁଲଦୀପ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ଖୋ ଖୋରେ ଦଶମ ଶ୍ରେଣୀର ଛାତ୍ର ଓ ନବମ ଶ୍ରେଣୀରେ ଛାତ୍ରୀ ଚାମ୍ପିଅନ ହୋଇଥିବା ବେଳେ ବିଦ୍ୟାଳୟର ଚଳିତ ବର୍ଷ ପାଇଁ କ୍ରୀଡା ପ୍ରତିଯୋଗିତା ରେ ଚାମ୍ପିଅନ ଭାବେ ଗାୟତ୍ରୀ ସିନେମା ରେଡ୍ଡୀ ଓ ସଞ୍ଜୟ ସିରିକା ହୋଇଥିଲେ। କ୍ରୀଡା ଶିକ୍ଷକ ଆଶୀର୍ବାଦ ନାୟକ କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷକ ଶଙ୍କର ଗୁଡ୍ଡୁମ୍ବକା, ସୁକାନ୍ତ ଯାଦବ, ଅଶେଷ କାର୍ଯି, କସ୍ତୁରୀ ଶବର,ମାଧୁରୀ ଲେଙ୍କା, ସୁନୀତା ସାହୁକାର, ଜେଷ୍ଣା ପଣ୍ଡା,ପ୍ରିୟଙ୍କା ବିଷୋୟୀ, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି, ରାଜଲକ୍ଷ୍ମୀ ଦିଶାରୀ,ସୋନାଲି ବାହାଲ ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡଲି ରାଣୀ ଖରା,ସଂଯୁକ୍ତା ତୁରୁକ୍,ବୈଜୟନ୍ତୀ ମିଣିଆକା, କୁନ୍ତୀ ମୁଦୁଲି, ଅନିତା ମିଣିଆକ ଓ ମଇନା ମିଣିଆକା ସମସ୍ତ ସେବା ପ୍ରଦାନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଆସନ୍ତା ସାଧାରଣତନ୍ତ୍ର ଦିବସରେ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ କହିଛନ୍ତି।

# କୋଟପାଡ଼ କଲେଜର ବାର୍ଷିକ ଉତ୍ସବ

କୋରାପୁଟ/କୋଟପାଡ, ୨୧।୧ (ସମିସ): କୋରାପୁଟ ଜିଲ୍ଲାରେ କୋଟପାଡ଼ କଲେଜର ୪୬ତମ ବାର୍ଷିକ ଉତ୍ସବ ଗତକାଲି କଲେଜ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗୋଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୋଟପାଡ଼ ବିଧାୟକ ରୂପୁ ଭତ୍ରା, ନବରଙ୍ଗପୁର ସାଂସଦ ପ୍ରତିନିଧ ରାମେଶ୍ୱର ଜେନା ଏବଂ ଚନ୍ଦ୍ରଶେଖର ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ରିଡର୍ ଡ. ବିଜୟ ମିଶ୍ର ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡ. ସେଶାନନ୍ଦ ମିଶ୍ର ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରତି ଅନୁଷ୍ଠାନରେ ଆଗକୁ ଉନ୍ନତି ମୂଳକ ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିବା ମନ୍ତ୍ରୀ ଗଣ୍ଡ କହିଛନ୍ତି। ଛାତ୍ରଛାତ୍ରୀଙ୍କ ହଷ୍ଟେଲ ନିର୍ମାଣ ପାଇଁ ୭ କୋଟି ଟଙ୍କା ଅନୁଦାନ ଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। କଲେଜର ଅଧ୍ୟକ୍ଷ,ଅଧ୍ୟାପକ-ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ମାନେ ଅତି ସୁନ୍ଦର ଭାବେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ପୂର୍ବତନ ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା। ସାଂସଦ ପ୍ରତିନିଧ ରାମେଶ୍ୱର ଜେନା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଧ୍ୟାପିକା ମାଳବିକା ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା



ବୈପାରୀଗୁଡ଼ା, ୨୧।୧(ସମିସ): ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ବିଡିଓ ସୁବ୍ରତ ସାହୁ, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୨୦ଟି ଟି ପଞ୍ଚାୟତରୁ ଭିନ୍ନକ୍ଷମ ଶିଶୁ, ପୁରୁଷ, ମହିଳାମାନେ ଆସି ନାମ ପଞ୍ଜୀକରଣ କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନାରୁ ଆସିଥିବା ବିଶେଷଜ୍ଞ ଡାକ୍ତରଙ୍କଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ପ୍ରମାଣପତ୍ର ଓ ଚିକିତ୍ସା ପାଇଁ ଆବେଦନ କରିଥିଲେ। ଶିବିରରେ ମୋଟ ୨୭୭ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିବା ବେଳେ ସେଥିମଧ୍ୟରୁ ଶାରିରୀକ ଅକ୍ଷମତା ୧୧୦, ଶ୍ରବଣ ବାଧିତ ୭୮, ଦୃଷ୍ଟି ବାଧିତ ୩୮, ବୌଦ୍ଧିକ ଅକ୍ଷମତା ୩୯ ଏବଂ ଅନ୍ୟାନ୍ୟ ୧୧ ଯୋଗଦେଇଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର, ହ୍ୱିଲ ଚେୟାର, ଟ୍ରାଇସାଇକେଲ ଓ ପେନସନ ପାଇଁ ଆବେଦନ ଫର୍ମ ଗ୍ରହଣ କରାଯାଇଥିଲା। ଶିବିରରେ ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞ ଯୋଗଦେଇ ଭିନ୍ନକ୍ଷମ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ଏବଂ କଲେଜ ଛାତ୍ରଛାତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଦୀର୍ଘ ବର୍ଷ ଜମିରେ ରହୁଥିବା ଲୋକଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଦାବି




ଜୟପୁର, ୨୧।୧ (ସମିସ): କୋରାପୁଟ ଜିଲ୍ଲା କୁନ୍ଦୁରା ତହସିଲ ଏବଂ ସଦର ମୌଜାର ସାଗରଗୁଡା ଗ୍ରାମର ସହିଦ ଲକ୍ଷ୍ମଣ ନାୟକ ମୂଳ ଅଧିବାସୀ ସଂଘର ପରିଚାଳନା କମିଟି ପକ୍ଷରୁ ଗତ ୩୫ ବର୍ଷ ହେଲାଣି ନିଜ ଅକ୍ତିଆର ସଂଘର କାର୍ଯ୍ୟାଳୟକୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଜମିକୁ ଚଞ୍ଚକତା କରାଯାଇ କିଛି ଘରୋଇ ବ୍ୟକ୍ତି ମାନଙ୍କ ନାମରେ ଗତ କିଛି ବର୍ଷ ହେଲାଣି ଜୈନିକ ପୂର୍ବତନ ରାଜସ୍ୱ ନିରୀକ୍ଷକ ରିପୋର୍ଟ ପ୍ରଦାନ କରିବା ସହିତ ସେମାନଙ୍କ ନାମରେ ରେକର୍ଡ ଭୁକ୍ତ କରିବା ସହିତ ପଟ୍ଟା ପ୍ରଦାନ କରିଛନ୍ତି। କିନ୍ତୁ ଉକ୍ତ ଜମିର ରାଜସ୍ୱ ଟିକସ ସଂଘ ପକ୍ଷରୁ ପଇଠ କରାଯାଉଛି। ଏହି ଜମିକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ବିଚାରାଧିନ ରହିଛି। ଏହିପରି ତହସିଲ ବିଭାଗ କାର୍ଯ୍ୟାଳୟକୁ ଡାକି ଜମି ବିଷୟରେ ପଚରାଉଚରା କରୁଛନ୍ତି। ତେଣୁ ଏହି ଜମିକୁ ଚଞ୍ଚକତା କରାଯାଇ ଘରୋଇ ଜମି ଭାବେ କିଛି ଧନୀକ ବ୍ୟକ୍ତିଙ୍କ ନାମରେ ହୋଇଛି। ଏହାକୁ ଖାରଜ କରାଯାଉ କିମ୍ବା ଦୀର୍ଘ ବର୍ଷ ଧରି ସଂଘ ଅଧିନରେ ରହିଥିବା ଜମିକୁ ସଂଘକୁ ପ୍ରଦାନ କରିବାକୁ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ପହଞ୍ଚି ଦାବି କରିଛନ୍ତି। ଏଥିନେଇ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମ୍ରତା ଗଡତିଆଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ସଂଘର କାର୍ଯ୍ୟକାରୀ ସଭାପତି ଭଜମନ ସାନ୍ତା, ଉପସଭାପତି ଚନ୍ଦ୍ର ଶଗରିଆ, ଡଙ୍ଗରଛିଞ୍ଚି ସରପଞ୍ଚ ଘାସି ଭତରା, କୁନ୍ଦୁରା ସରପଞ୍ଚ ଲବ ପରଜା, ସମିତି ସଭ୍ୟ ଦାମଦୋର ଗଣ୍ଡା, ପୂର୍ଣ୍ଣ ସାନ୍ତା, ଶୁକ ପରଜା, ଗୋରା ମୁଦୁଲି, ତୁଳାରାମ ନାୟକ, ଶ୍ୟାମ ପେଣ୍ଡିଆ, ଦେଉତୁ ସାନ୍ତା ଓ ରାମଚନ୍ଦ୍ର ପେଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

